## ସଂକ୍ଷେପରେ

### ରାସ୍ତା ନିର୍ମାଣ ଦାବି

**ଖଇରା, ୧୨।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଆମ୍ବହତା କେନାଲର ରଟିଣା ସବ ମାଇନର ପାର୍ଶ୍ୱରେ ବନ୍ଦ ରହିଥିବା କଂକ୍ରିଟ ରାସ୍ତା ଓ ପୋଲକୁ ସମ୍ପୂର୍ଣ୍ଣ କରିବାକୁ ରଟିଣା ଗ୍ରାମବାସୀ ବିଦ୍ୟାପୁର ଡିଭିଜନର ନିର୍ବାହୀଯନ୍ତ୍ରୀ ଆର୍ତ୍ତତ୍ରାଣ ସାହୁଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ଧାନ ଅମଳ ପୂର୍ବରୁ ଏହାକୁ ଶେଷ କରିବାକୁ ଅନୁରୋଧ କରାଯାଇଛି। ଅସମ୍ପୂର୍ଣ୍ଣ ରାସ୍ତା ଯୋଗୁ ଚାଷୀ ତଥା ସାଧାରଣ ଯାତ୍ରୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର କରୁଣାକର ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ଭାସ୍କର ଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ପ୍ରସାଦ ଦାସ, ଅଚ୍ୟୁତାନନ୍ଦ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟା ଛବିଲତା ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ରାସ୍ତା ନିର୍ମାଣ ସହିତ ବର୍ଷା ସମୟରେ ରାସ୍ତା କଡ ନାଳ ଖୋଳାଯିବାକୁ ନେଇ କେତେକ ଚାଷୀ ଅସନ୍ତୋଷ ପ୍ରକାଶ କରିବା ପରେ କାମ ବନ୍ଦ ରହିଥିଲା।

### ନାଳରେ ପଡ଼ି ଶିଶୁ ମୃତ

**ଖଇରା, ୧୨।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରଦା ପଞ୍ଚାୟତ ମିର୍ଜାପୁର ଗ୍ରାମର ଚନ୍ଦୁରୁ ମୁର୍ମୁ ଅଢେଇ ବର୍ଷର ଶିଶୁପୁତ୍ର ଭଗିଆ ସୋମବାର ପାଣିନାଳରେ ପଡି ପ୍ରାଣ ହରାଇଛନ୍ତି। ପୂର୍ବାହ୍ନରେ ଚନ୍ଦୁରୁଙ୍କ ପତ୍ନୀ ପୁଅକୁ ହିଡ ମୁଣ୍ଡରେ ବସାଇ ଧାନରୁଆ କାର୍ଯ୍ୟ କରୁଥିଲେ। ମାଙ୍କ ନଜର ଆଢୁଆଳରେ ପୁଅ ପାଖ ନାଳକୁ ଖସି ପଡିଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଲଙ୍ଗଳେଶ୍ୱର, ନିଖିରେଶ୍ୱର ମହାଦେବଙ୍କୁ ଜଳାଭିଷେକ

**ବାଲିଆପାଳ, ୧୨।୮(ସ୍ୱ.ପ୍ର.):** ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ ବିଭିନ୍ନ ଶିବ ମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ବିଶେଷ କରି ବାଲିଆପାଳ ବ୍ଲକର ପୁରାଣ ପ୍ରସିଦ୍ଧ ଲଙ୍ଗଳେଶ୍ୱର ହରପାର୍ବତୀ ଏବଂ ନିଖିରେଶ୍ୱର ମନ୍ଦିରରେ ବହୁ ଦୂରଦୂରାନ୍ତରୁ ମହିଳାପୁରୁଷ, ଯୁବତୀଯୁବକ ଏବଂ ପିଲାମାନେ ପାଣି ଲାଗି ପାଇଁ ଆସିଥିଲେ। ସେମାନେ କାଉଡ଼ିଆ ବେଶରେ ଆସିବା ସହିତ ଜୟ ଜୟ ମହାଦେବଙ୍କ ଧ୍ୱନିରେ ମନ୍ଦିର ପରିସର ଶିବମୟ ହୋଇଉଠିଥିଲା। ବଡ଼ି ଭୋରରୁ ଶହ ଶହ ଶିବଭକ୍ତ କାନ୍ଧରେ ପାଣି ନେଇ ପୂଜା ପାଇଁ ଲମ୍ୱାଧାଡ଼ିରେ ଅପେକ୍ଷା କରିଥିଲେ। ସେମାନେ ଠାକୁରଙ୍କୁ ଦର୍ଶନ କରିବା ସହିତ ଶିବଙ୍କଠାରେ ଜଳାଭିଷେକ କରାଇଥିଲେ। ବିଶେଷ କରି ଖପରାପଦା ମଠ ପୋଖରୀରୁ କୁନି କୁନି ବାଳିକା ଓ ବାଳକ ପାଣି ନେଇ ଏକ ବିରାଟ ଶୋଭାଯାତ୍ରାରେ ନିଖିରେଶ୍ୱର ମନ୍ଦିର ଯାଇ ଜଳାଭିଷେକ କରାଇବା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ଉଭୟ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତଙ୍କ ଭିଡ଼କୁ ଦେଖି ସବୁ ବ୍ୟବସ୍ଥା କରାଯାଇଥିଲା।

### ସାନ୍ତାଳି ଭାଷା ବିକାଶ ଉପରେ ଗୁରୁତ୍ୱ

**ରୂପ୍‌ସା, ୧୨।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଚକୁରୀ ପଞ୍ଚାୟତରେ ରବିବାର ସାନ୍ତାଳୀ ଏକାଡ଼େମୀ, ବାରିପଦା ଆନୁକୂଲ୍ୟରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ନେତା ସୁବ୍ରତ ସୋରେନ ଓ ସୁନ୍ଦରମୋହନ ସୋରେନ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ସାନ୍ତାଳି ଭାଷାର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସରକାର ସାନ୍ତାଳି ଭାଷାକୁ ମାନ୍ୟତା ପ୍ରଦାନ କରିଥିବାରୁ ଏଥିରେ ଉନ୍ନତି ପାଇଁ ସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା ହୋଇଛି। ଫଳରେ ରାଜ୍ୟବ୍ୟାପୀ ଆଦିବାସୀ ସମ୍ପ୍ରଦାୟର ପିଲାଙ୍କୁ ଅଲଚିକି ଲିପିରେ ମାଗଣା ଶିକ୍ଷାଦାନ କରାଯାଉଥିବା ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ପଞ୍ଚାୟତ ଅନ୍ତର୍ଗତ ନାଘାଟସାହିରେ ସାନ୍ତାଳି ଭାଷା ଶିକ୍ଷା ପ୍ରଦାନର ଶୁଭାରମ୍ଭ କରାଯାଇଥିଲା। ଏକାଡ଼େମୀ ତରଫରୁ ଭାଗବତ ସୋରେନ, ମାନସୀ ହାଁସଦା, ସୁରୁ ହାଁସଦା, ରତ୍ନାକର ସୋରେନ, ଯଦୁ ହାଁସଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗାର୍ଡେନିଂ

# ରତୀନ୍ଦ୍ରଙ୍କ ଅନନ୍ୟ ପ୍ରୟାସ



ସୁକାନ୍ତ ଗିରି
ବାଲିଆପାଳ, ୧୨।୮



ସୁସ୍ଥ ପରିବେଶ ଦେହ ଓ ମନକୁ ସୁସ୍ଥ ରଖେ। ଏହି କଥାର ମର୍ମ ବୁଝି ଏହାକୁ କାର୍ଯ୍ୟରେ ଲଗାଇ ଚର୍ଚ୍ଚାକୁ ଆସିଛନ୍ତି ଡାକ୍ତରଖାନାରେ ରୋଗୀଙ୍କୁ ସେବା ଯୋଗାଉଥିବା ଫାର୍ମାସିଷ୍ଟ ରତୀନ୍ଦ୍ର ନାରାୟଣ ପରିଡା। ସେ ନିଜ ଉଦ୍ୟମରେ ଡାକ୍ତରଖାନା ଚାରିପଟେ ସୃଷ୍ଟି କରିଛନ୍ତି ମନୋରମ ଉଦ୍ୟାନ। ସ୍ୱାସ୍ଥ୍ୟସେବା ତାଙ୍କର ପେସା ହୋଇଥିଲେ ବି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଓ ଗାର୍ଡେନିଂ କରିବା ତାଙ୍କ ନିଶା ପାଲଟିଛି। ଔଷଧୀୟ ଗଛଲତାଠାରୁ ଆରମ୍ଭ କରି ଘାସ ଗାଲିଚା ଓ ଫୁଲ ଫଳ ଗଛ ଲଗାଇ ସେ ଡାକ୍ତରଖାନା ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିପାରିଛନ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକଠାରୁ ୩ କି.ମି. ଦୂରରେ ରହିଛି ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏହାର ପ୍ରବେଶ ପଥର ମୁଖ୍ୟ ଫାଟକର ବାମ ପାର୍ଶ୍ୱକୁ ଲାଗି ତିଆରି ହୋଇଛି ମନୋରମ ବଗିଚା। ୫୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଫୁଲ ଗଛ ସାଙ୍ଗକୁ ଘାସଗାଲିଚା ରହିଛି। ଏଥିସହ ମଝିରେ ରହିଛି କୃତ୍ରିମ ଝରଣା, ଯାହା ସମସ୍ତଙ୍କୁ ଆକର୍ଷିତ କରିଥାଏ। ରୋଗୀଙ୍କୁ ଜୀବନ ଦାନ ଦେଉଥିବା ଡାକ୍ତରଖାନା ପରିସରକୁ କିଭଳି ସ୍ୱଚ୍ଛ ଓ ସରସ ସୁନ୍ଦର କରି ରଖାଯାଇପାରିବ ଏହି ଡାକ୍ତରଖାନା ଏକ ଉତ୍କୃଷ୍ଟ ନମୁନା ସାଜିଛି।

୧୯୯୧ରେ ପ୍ରତିଷ୍ଠା ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମେ ସ୍ଥାନୀୟ ବିଦ୍ୟାଳୟରେ ଚାଲୁଥିଲା। ୨୦୦୦ ମସିହାରେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦେଢ ଏକର ପରିତ୍ୟକ୍ତ ଜାଗାରେ ଗୃହ ନିର୍ମାଣ ହେଲା। ପର୍ଯ୍ୟାୟକ୍ରମେ ଡାକ୍ତରଖାନା ପରିସରରେ ଓପିଡି, ଆୟୁଷ ଓପିଡି, ଡ୍ରେସିଂରୁମ୍, ଷ୍ଟୋର ରୁମ୍, ଲାବୋରେଟୋରି, ଇମ୍ୟୁନାଇଜେଶନ ରୁମ୍, ରେନୱାଟର ହାରଭେଷ୍ଟିଙ୍ଗ ପଏଣ୍ଟ, ଗ୍ରେୱାଟର ହାରଭେଷ୍ଟିଙ୍ଗ ପଏଣ୍ଟ, ଷ୍ଟାଫ୍ କ୍ୱାର୍ଟର୍ସ ଆଦି ଗଢି ଉଠିଲା। ରତୀନ୍ଦ୍ର କହନ୍ତି, ସବୁଜିମାଭରା ପରିବେଶ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହା ରୋଗୀଙ୍କୁ ଆରୋଗ୍ୟ ହେବାରେ ସାହାଯ୍ୟ କରେ। ଆଜିକାଲି ବୈଜ୍ଞାନିକମାନେ ବିଭିନ୍ନ ରଙ୍ଗ, ସଙ୍ଗୀତ ଓ ସବୁଜିମା ପରିବେଶ ରୋଗ ଦୂର କରିବାରେ ସହାୟକ ହେଉଥିବା ଗବେଷଣା କରି ଦର୍ଶାଉଛନ୍ତି। ସ୍ୱଚ୍ଛ ଭାରତ ଯୋଜନା ହେବାର ବହୁ ପୂର୍ବରୁ ସେ ଡାକ୍ତରଖାନା ପରିବେଶକୁ ସରସ ସୁନ୍ଦର ରଖିବା ଲାଗି ସଂକଳ୍ପ ନେଇ ଆଗକୁ ମାଡି ଚାଲିଛନ୍ତି। ତାଙ୍କୁ କିଛି ଫୁରସତ ମିଳିଲେ ସେ ଏହି ଉଦ୍ୟାନକୁ ଆସି ଲଗାଯାଇଥିବା ଗଛର ଯତ୍ନ ନିଅନ୍ତି। ମାଳି ଭଳି ସେ କାମରେ ଲାଗିପଡନ୍ତି। ଡାକ୍ତରଖାନା ମୁଖ୍ୟ ଫାଟକର ବାମ ପାର୍ଶ୍ୱରେ ଥିବା ବଗିଚାରେ ୫୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଫୁଲ ଗଛ ରହିଛି। ଡାକ୍ତରଖାନା ପରିସରରେ ଗଢିଉଠିଥିବା ଔଷଧୀୟ ପାର୍କରେ ଗୁଡୁଚି, ସଦାବିହାରୀ, ବାସଙ୍ଗ, ଅମରପୋଇ, ବ୍ରାହ୍ମୀ, ପିପ୍ପଳୀ, ଗୋଲମରିଚ, ଭୃଙ୍ଗରାଜ, ହେମସା ଗିରି, ଚିରିତା, ପାତାଳ ଗୁରୁଡ, ବଚ, ଗନ୍ଧାଳି, ସପରକେତୁ, ପାଳୁଅଗନ୍ଧାଳି ଭଳି ଶତାଧିକ ଔଷଧୀୟ ବୃକ୍ଷ ଲଗାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଦକ୍ଷିଣ ପଟେ ଆମ୍ବ, ପିଜୁଳି, କମଳା, ଲିଚୁ, କରମଙ୍ଗା, ଅଙ୍ଗୁର ପରି ଗଛ ଲଗାଯାଇଛି। ସେହିପରି କିଚେନ ଗାର୍ଡେନ କରି କେବଳ ଜୈବିକ ସାର ପ୍ରୟୋଗ କରି ବାଇଗଣ, କୁନ୍ଦୁରି, ପୋଟଳ, ଭେଣ୍ଡି, କଲରା, ଓଲୁଅ ପ୍ରଭୃତି ପରିବା ଚାଷ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସେ ଜଣେ ଦୃଢ ସମର୍ଥକ ବୋଲି କହନ୍ତି। ଏଥିଲାଗି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକଠାରୁ ଆରମ୍ଭ କରି ସମସ୍ତ କାନ୍ଥରେ ସ୍ୱଚ୍ଛତା ଓ ରୋଗ ପ୍ରତିରୋଧକ ବାର୍ତ୍ତା ଲେଖାଇଛନ୍ତି। ସ୍ୱଚ୍ଛ ପାନୀୟ ଜଳ ପାଇଁ ଆକ୍ୱାଗାର୍ଡର ବ୍ୟବସ୍ଥା କରାଯାଇଛି। ରତୀନ୍ଦ୍ରଙ୍କ ତତ୍ତ୍ୱାବଧାନରେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ନିୟୋଜିତ କରାଯାଇଥିବା ଗାର୍ଡେନର ସୂର୍ଯ୍ୟକାନ୍ତି ବଡୁ, ମହିଳା ସ୍ୱାସ୍ଥ୍ୟକର୍ମୀ ଭାନୁମତୀ ବେହେରା, ଚତୁର୍ଥଶ୍ରେଣୀ କର୍ମଚାରୀ ଶମ୍ଭୁନାଥ ବଡୁ ଓ ତାଙ୍କର ଧର୍ମପତ୍ନୀ ଝରଣା ପରିଡା ଗାଡେନିଂ କାର୍ଯ୍ୟରେ ନିରନ୍ତର ଭାବେ ସହଯୋଗ କରିଆସୁଛନ୍ତି। ଡାକ୍ତରଖାନାରେ ୨୦୦୯ରୁ କୌଣସି ଡାକ୍ତର ନ ଥିବାରୁ ସେ ରୋଗୀଙ୍କ ଚିକିତ୍ସା ସେବା କରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ପାଇଁ ସମୟ ଦେଇଥାନ୍ତି। ଏଥିସହ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି। ଭାରି ସାଦାସିଧା ଜୀବନ ବିତାଉଥିବା ରତୀନ୍ଦ୍ରଙ୍କ ନିଆରା ବ୍ୟକ୍ତିତ୍ୱକୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପ୍ରଶଂସା କରିଥାନ୍ତି। ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ହେଲେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

### ବଜ୍ରପାତରେ ଚାଷୀ ଗୁରୁତର

**ବସ୍ତା, ୧୨।୮(ସ୍ୱ.ପ୍ର.)**

ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତର କୁଣ୍ଡେଇ ଗ୍ରାମରେ ସୋମବାର ବଜ୍ରପାତ ହେବାରୁ ବିଲରେ କାମ କରୁଥିବା ଗୌରାଙ୍ଗ ପରିଡା ଗୁରୁତର ଆହତ ହୋଇଛନ୍ତି। ବଜ୍ରପାତରେ ସେ ପିନ୍ଧିଥିବା ଲୁଗା ପୋଡ଼ିଯିବା ସହ ଚେତାଶୂନ୍ୟ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ତୁରନ୍ତ ବସ୍ତା ଡାକ୍ତରଖାନାକୁ ନେଇଆସିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ସେ ବସ୍ତା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାଯାଇଛି।

### ୧୬ରୁ ଜିଲା ମହିଳା ଫୁଟ୍‌ବଲ ଲିଗ୍

**ବାଲେଶ୍ୱର ଅଫିସ, ୧୨।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୁଲ୍ୟରେ ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ଆସନ୍ତା ଅଗଷ୍ଟ ୧୬ରୁ ୧୮ ତାରିଖ ୩ଦିନ ପର୍ଯ୍ୟନ୍ତ ଜିଲା ମହିଳା ଫୁଟ୍‌ବଲ ଲିଗ୍ ଅନୁଷ୍ଠିତ ହେବ। ଫୁଟ୍‌ବଲ ଲିଗ୍‌ରେ ମୋଟ ୩ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଖେଳ ପ୍ରତିଦିନ ଅପରାହ୍ନ ସାଢେ ୩ଟାରେ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ସୋମବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ନୀଳଗିରି ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

## ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ କେନ୍ଦ୍ରମନ୍ତ୍ରୀଙ୍କ ଅଚାନକ ଗସ୍ତ

# ସ୍ୱାସ୍ଥ୍ୟ ସେବା ସୁଧାରିବା ଲାଗି ଆଲୋଚନା

**ସଜନାଗଡ଼, ୧୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ସହର ଉପଖଣ୍ଡ ଚିକିତ୍ସାଳୟକୁ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୋମବାର ପୂର୍ବାହ୍ନରେ ଅଚାନକ ପରିଦର୍ଶନ କରି ରୋଗୀଙ୍କଠାରୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ସହିତ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମଧ୍ୟ ଉପସ୍ଥିତ ଥିଲେ। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହିତ ସ୍ୱାସ୍ଥ୍ୟସେବା, ସରକାରଙ୍କ ତରଫରୁ ଯୋଗା ଯାଉଥିବା ଖାଦ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଖାନାରେ ଲାଗି ରହିଥିବା ବିଭିନ୍ନ ଅବ୍ୟବସ୍ଥା ସହ ଡାକ୍ତରଖାନାର ମେଡ଼ିଶିନ୍ ବିଭାଗର ଡାକ୍ତର, ଆନାସ୍ଥେସିଆ ବିଭାଗର ଡାକ୍ତର ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ବିଷୟରେ ଅଭିଯୋଗ ପାଇଥିଲେ। ଡାକ୍ତରଖାନାରେ ମନଇଚ୍ଛା ଡାକ୍ତର କାର୍ଯ୍ୟରେ ଯୋଗଦେବା, ବିନା କାରଣରେ ଛୁଟିରେ ରହିବା ଭଳି ସମସ୍ୟା ଅନୁଭବ କରିଥିଲେ। ତୁରନ୍ତ ଡାକ୍ତରଖାନାର ସମସ୍ୟା ଦୂରୀକରଣ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ମେଡ଼ିକାଲର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଦିନରେ ଅନୁପସ୍ଥିତ ରହୁଥିବା ଡାକ୍ତର ଓ ଅବହେଳା କରୁଥିବା ଡାକ୍ତରଖାନାର କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି, ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାକାର ସମସ୍ତ ଜନସାଧାରଣ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଚିକିତ୍ସାଳୟ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହ ମନ୍ତ୍ରୀ ଯଥାଶୀଘ୍ର ସବୁ ସମାଧାନ ଲାଗି ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଯାନ୍ତ୍ରିକ ତ୍ରୁଟି ଯୋଗୁ ବସ୍‌ରେ ନିଆଁ

# ବର୍ତ୍ତିଲେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ

**ବାଲେଶ୍ୱର ଅଫିସ, ୧୨।୮:** ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ସେହେନ୍‌ସା ଯାତ୍ରୀବାହୀ ବସ୍ (ନଂ. ଓଡ଼ି୦୫ଭି-୦୭୧୭) ରେ ଏସିରୁ ସର୍ଟସର୍କିଟ୍ ହୋଇ ସୋମବାର ଅପରାହ୍ନ ୨ଟା ୪୦ମିନିଟ୍ ସମୟରେ ନିଆଁ ଲାଗିଯାଇଥିଲା। ବସ୍‌ରେ ଥିବା ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସଙ୍ଗେ ସଙ୍ଗେ ବାହାରକୁ ବାହାରି ଆସିଥିଲେ। ଖବର ପାଇ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ପୂରନ ସୋରେନ କୁଇକ୍ ରେସପନ୍ସ ୟୁନିଟ୍ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯାତ୍ରୀମାନଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ବସ୍‌ଟି ଆଂଶିକ ପୋଡ଼ିଯାଇଥିବାର ଜଣାପଡ଼ିଛି। ବସ୍‌ଟି ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ବାହାରି ଭାୟା ଭୁବନେଶ୍ୱର ଦେଇ ବରଗଡ଼ ଯିବାର ଥିଲା।



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।



ଦରୋଘା ପଡ଼ିଆରେ ସାମୂହିକ ନମାଜ ପାଠ।

# ବିଭିନ୍ନ ମସ୍‌ଜିଦରେ ସାମୂହିକ ନମାଜ ପାଠ

**ବାଲେଶ୍ୱର ଅଫିସ, ୧୨।୮**

ବାଲେଶ୍ୱର ସହରରେ ସୋମବାର ଇଦ୍-ଉଲ୍-ଜୁହା ପାଳିତ ହୋଇଛି। ସହରର ବିଭିନ୍ନ ମସଜିଦ୍‌ରେ ସାମୂହିକ ନମାଜ ପାଠ ପରେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ମୁନସିପାଲିଟିସ୍ଥିତ ଦରୋଘା ମଇଦାନ ପଡ଼ିଆରେ ପୂର୍ବାହ୍ନ ସମୟରେ ଇସଲାମ୍ ଧର୍ମାବଲମ୍ବୀମାନେ ଏକାଠି ହୋଇଥିଲେ। ଇଦ୍ ମିଲନ କମିଟି ପକ୍ଷରୁ ସାମୁହିକ ନମାଜ ପାଠ କରାଯାଇଥିଲା। ଏହି ଅବସରରେ ମଙ୍ଗଳବାର ସହରରେ ଆଖଡ଼ା ଶୋଭାଯାତ୍ରା ପରିକ୍ରମା କରାଯିବ। ଏହାକୁ ଲକ୍ଷ୍ୟ ରଖି ପୂର୍ବ ପ୍ରସ୍ତୁତି ଅନୁସାରେ ଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ କମିଟି ସହିତ ଆଲୋଚନା କରିଛନ୍ତି ଏବଂ ସେମାନଙ୍କ ସହଯୋଗରେ ଏହି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବାର ଟାଉନ୍ ଥାନାଧିକାରିଣୀ ସରୋଜିନୀ ନାୟକ ପ୍ରକାଶ କରିଛନ୍ତି।

**ବାହାନଗା, (ଡି.ଏନ.ଏ.):** ବାହାନଗା ବ୍ଲକ ସାହାସପୁରା ଗ୍ରାମର ଇଦ୍-ଉଲ୍-ଜୁହା ପର୍ବ ପାଳିତ ହୋଇଛି। ଗ୍ରାମର ଦୁଇଟି ଜୁମା ମସ୍‌ଜିଦ୍‌ରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମ ଭିତରେ ଥିବା ଜୁମା ମସଜିଦ୍ ନିକଟରେ ଥିବା କାଦିରିଆ ଅଞ୍ଚଳରୁ ଆସିଥିବା ମନସୁର ଖାନ ମୌଲାନା ଭାବେ କାର୍ଯ୍ୟ ତୁଲାଇଥିଲେ। ତେବେ ଗ୍ରାମର ଅନ୍ୟ ଏକ ମସଜିଦ୍‌ରେ କଲିକତାରୁ ଆସିଥିବାର ମୌଲାନା ମୁକ୍ତାର ହୁସେନ୍ କାର୍ଯ୍ୟ ତୁଲାଇଥିଲେ। ବର୍ଷା ପାଇଁ ଇଦିଘା ପଡିଆରେ ପ୍ରାର୍ଥନା ସଭା କରା ନ ଯାଇ ଦୁଇଟି ମସଜିଦ୍‌ରେ ପ୍ରାର୍ଥନା କରାଯାଇଥିଲା ଜୁମା ମସଜିଦର ସଭାପତି ମଲ୍ଲିକ ନସିମ୍ ଉଦ୍ଦିନ୍ ଅହମ୍ମଦ ଓ ସମ୍ପାଦକ ନଜୁରାଇଲି ସାହା କାର୍ଯ୍ୟ ତଦାରଖ କରିଥିଲେ। ଏମାନଙ୍କୁ ସହଯୋଗ କରିଥିଲେ ସେକ୍ ମଜଫୁର୍, ସେକ୍ ରାଜନ, ସେକ୍‌ପୈରୁ ସାହା, ମଲ୍ଲିକ ଜୁବାନ ପ୍ରମୁଖ। ସେହିପରି ଦ୍ୱିତୀୟ ଜୁମା ମସଜିଦ୍‌ରେ ସଭାପତି ମଲ୍ଲିକ ମଫିଉଦ୍ଦିନ୍, ସମ୍ପାଦକ ଆରମାନ ସାହା ସମେତ ମଲ୍ଲିକ ଇଜରାଇଲି, ଅବଦୁଲ୍ କରିମ୍ ସାହା,ହକିବୁଲ୍ ସାହା, ସେକ୍ ଆବୁସମ୍ମା, ମଲ୍ଲିକ ବସିରୁଦ୍ଦିନ୍, ଜିଲ୍ଲାନି ସାହା ଓ ମହିରାଜ ସାହା ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ।

**ଜଳେଶ୍ୱର,୧୨।୮:** ଜଳେଶ୍ୱରର ପଞ୍ଚୁଘଣ୍ଟା, ଶାସନବାଡ଼, ପଥରପୁରା, ଝାଡ଼େଶ୍ୱରପୁର, ରାଜପୁର ଏବଂ ଓଲମରା, ମାକିଡ଼ିଆ, ନାମ୍ପୋ ଆଦି ସ୍ଥାନରେ ଥିବା ମସଜିଦ୍‌ରେ ସମୂହ ନମାଜ ପାଠ କରାଯାଇଥିଲା। ନମାଜ ପାଠ ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଶାସନବାଡ଼ର ହାଜି ଅସିରୁଦ୍ଦିନ, ମୀର ଅନିରୁଦ୍ଦିନ, ସେକ୍ ରୌସନ ଅଲ୍ଲୀ, ହାଜୀ ଅବଦୁଲ୍ ରହିମ୍ ସାହା, ମମିନ୍ ସାହା, ସେକ୍ ତାଜୁଦ୍ଦିନ, ପଥରପୁରାର ଇବ୍ରାହିମ୍ ସାହା, ଜୈନାଲ ସାହା, ସେକ୍ ସୁଲତାନ, ସେକ୍ ଫରୀଦ ଅହମ୍ମଦ, ଅମିରୁଦ୍ଦିନ୍ ସାହା, ରାଜପୁର ବସ୍ତିର ହାଜି ସାହାବ, ସେକ୍ ହନିବ ବକ୍ସ, ସେକ୍ କାସିମ ବକ୍ସ, ସେକ୍ ହାକିମ ବକ୍ସ, ସେକ୍ ଇସମାଇଲ, ସେକ୍ ହାରୁନ ବକ୍ସ ପ୍ରମୁଖ ପରିଚାଳନା କରିଥିଲେ।

**ଖଇରା, (ଡି.ଏନ.ଏ.):** ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଇଦ୍-ଉଲ-ଜୁହା ବିଭିନ୍ନ ମୁସଲିମ ବସ୍ତିରେ ମସଜିଦ ପରିସରରେ ପାଳିତ ହୋଇଛି। ଝିଙ୍କିରିଆ ପଞ୍ଚାୟତ ଅଧୀନ ଝିଙ୍କିରିଆ ମସଜିଦ୍ ପରିସରରେ ସମସ୍ତ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିମାନେ ମୌଲାନା ଶେଖ ରାଜାଙ୍କ ଉପସ୍ଥିତିରେ ନମାଜ ପାଠ କରିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବସ୍ତିରେ ପହଞ୍ଚି ସମସ୍ତଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବସ୍ତିମୁଖିଆ ଶେଖ ମୁକ୍ତିଆର, ଶେଖ ହମିଦ, ଶେଖ୍ ସୁବାନ, ଗୁଲଜାର ତଥା ଝିଙ୍କିରିଆ ସରପଞ୍ଚ ମଧୁସୂଦନ ମାଝି, ସାରଡାଙ୍ଗ ସରପଞ୍ଚ ହରିହର କୁଣ୍ଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। କ୍ଷିରିପଦା ଗ୍ରାମରେ ମଧ୍ୟ ହାଫିଦ ନିଜାମୁଦ୍ଦିନ, ନୁରଦ୍ଦିନ ଶାହା, ଶେଖ ଅଖତାର, ଶେଖ ନିଜାମ ସାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବକ୍ରିଇଦ ପାଳିତ ହୋଇଥିଲା। ବର୍ଷା ଯୋଗୁ ଇଦଗାହାରେ ନମାଜ ପାଠ କରାଯିବା ପରିବର୍ତ୍ତେ ମସଜିଦ ପରିସରରେ ନମାଜ ପାଠ କରାଯାଇଥିଲା। ଏହାଛଡା ତେନ୍ତୁଳିଆ ପଡା, ମୁସ୍ତଫାବାଦ, ଉଗରପଡାଠାରେ ମଧ ଇଦ-ଉଲ-ଜୁହା ପ୍ରବଳ ବର୍ଷା ସତ୍ତ୍ୱେ ପାଳିତ ହୋଇଯାଇଛି।



ମସଲିମ ବସ୍ତି ବାସିନ୍ଦାଙ୍କ ଗହଣରେ ମନ୍ତ୍ରୀ।

# ଝିଅର ଚିକିତ୍ସା ପାଇଁ ଅସହାୟ ମା' ବାପା

ଉତ୍କଳବନ୍ଧୁ ପଣ୍ଡା
**ଖଇରା, ୧୨।୮**

ଆଖିରେ ଆଖିଏ ସ୍ୱପ୍ନ। ଅନ୍ୟ ସାଙ୍ଗମାନଙ୍କ ଭଳି ବହି ବସ୍ତାନି ଧରି ସ୍କୁଲ ଯିବାକୁ ଇଚ୍ଛା। ହେଲେ ଆଖି ୨ଟି ତାଙ୍କର ସବୁ ଆଶାରେ ବାଧକ ସାଜିଛି। ଦୃଷ୍ଟିହୀନତା ତାଙ୍କ ଚଲାପଥରେ କଣ୍ଟା ହୋଇ ଛିଡା ହୋଇଛି। ସବୁକିଛି କରିବାର ଆକାଂକ୍ଷାକୁ ମନରେ ଚାପି ଯନ୍ତ୍ରଣାରେ ଛଟପଟ ହେଉଥିବା ୧୩ ବର୍ଷର ଝିଅ ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଚାନ୍ଦଗୋଛିଗ୍ରାମର ସବିତା ବେହେରା। ମା' କନକଲତା ବେହେରା ଓ ବାପା ଚକ୍ରଧର ବେହେରାଙ୍କର ସେ ଏକମାତ୍ର ଝିଅ।

୨୦୦୭ ମାର୍ଚ୍ଚ ୩୦ତାରିଖରେ ଜନ୍ମ ହେବାର ୨ଦିନ ମଧ୍ୟରେ ସବିତା ଆଖି ମିଟି ମିଟି କରିବା ମା'ବାପାଙ୍କୁ ଅଡୁଆ ଲାଗିଥିଲା। ବାଲେଶ୍ୱର ହସ୍ପିଟାଲରେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ପରେ ଝିଅଟି ଦୃଷ୍ଟିଶକ୍ତି ହରାଇଥିବା କହିଥିଲେ। ଏକଥା ଶୁଣିବା ପରେ ଚକ୍ରଧରଙ୍କ ମାଟିତଳୁ ଗୋଡ ଖସିଯିବା ଭଳି ଲାଗିଥିଲା। ରୋଟାରୀ କ୍ଲବ ମାଧ୍ୟମରେ ୮୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ମା' ବାପା ଝିଅର ଅସ୍ତ୍ରୋପଚାର କରାଇଥିଲେ। ଆଖିରେ ଚଷମା ଲଗାଇ ସେ ସବୁ ଜିନିଷ ଦେଖିପାରୁଥିଲେ। ପ୍ରଥମେ ଶ୍ରୀ ଗଣେଶ ଶିଶୁ ମନ୍ଦିର ଓ ପରେ ଝାଟିଆ ପ୍ରାଥମିକ ବିଦ୍ୟାଳୟରେ ଅନ୍ୟ ପିଲାଙ୍କ ସହ ମିଶି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସବିତା ପାଠ ପଢିଲେ। ଏହାପରେ ପୁଣି ଦୃଷ୍ଟିଶକ୍ତି ଧୀରେ ଧୀରେ କମିବାରେ ଲାଗିଲା। କିଛି ଦିନ ମଧ୍ୟରେ ଆଖି ୨ଟି ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଗଲା। ଅନ୍ୟ ଗାଡିରେ ଡ୍ରାଇଭର ଭାବେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ଚକ୍ରଧରଙ୍କ ଆର୍ଥିକ ଚିନ୍ତା ପୁଣି ବଢିଲା। ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଝିଅକୁ ଦେଖାଇ ପୁଣି ଚିକିତ୍ସା ଆରମ୍ଭ କରାଗଲା। ଚିକିତ୍ସାରେ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ତଥାପି ତାଙ୍କର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ଫେରିପାରୁନାହିଁ। ଡାକ୍ତର କହୁଛନ୍ତି ବଡ ଧରଣର ଅସ୍ତ୍ରୋପଚାର ପାଇଁ ଆହୁରି ୮୦ହଜାର ଦରକାର। ଏଭଳି ଅର୍ଥ ଚିନ୍ତାରେ ମା' ବାପା ଖାଇବା ପିଇବା ଭୁଲିଗଲେଣି। ଶହେ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ବି ତାଙ୍କୁ ଭତ୍ତା କି ଇନ୍ଦିରା ଆବାସ ମିଳିପାରୁନାହିଁ। ସେପଟେ ଭୁବନେଶ୍ୱରରେ ଅନ୍ଧପିଲାଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ ଥିବା କଥା ଚକ୍ରଧର ଶୁଣିଥିବା ଏବଂ ଝିଅକୁ ସେଠାରେ ପଢାଇବାକୁ ଇଚ୍ଛା ଥିଲେ ବି କେମିତି ସେଠାକୁ ଯିବେ ସାହସ ଜୁଟାଇ ପାରୁନାହାନ୍ତି। ଭତ୍ତା ସମ୍ପର୍କରେ ବିଭାଗୀୟ ଅଧିକାରୀ ଚନ୍ଦ୍ରକାନ୍ତ ଭଲ୍ଲୁକଙ୍କୁ ଯୋଗାଯୋଗ କରିବାରେ ଛୁଟି ପରେ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।



ନିଜ ମା' ବାପାଙ୍କ ସହ ଦିବ୍ୟାଙ୍ଗ ସବିତା।

# ଭାଇଚାରାର ପର୍ବ ଇଦ୍-ଉଲ୍-ଜୁହା

ଭଦ୍ରକ ଅଫିସ/ବାସୁଦେବପୁର/ଧାମନଗର/ବନ୍ତ, ୧୨।୮(ଡି.ଏନ.ଏ.)

ଭଦ୍ରକ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଭାଇଚାରାର ପର୍ବ ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି। ଭଦ୍ରକ କୁଆଁସ ସ୍ଥିତ ଇଦ୍‌ଗାହ ପଡ଼ିଆରେ ସମୂହ ନମାଜ ପାଠ କରାଯାଇଥିଲା। ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମୁସ୍‌ଲିମ ସମ୍ପ୍ରଦାୟର ଲୋକ ଏଠାରେ ଏକତ୍ର ନମାଜ ପାଠ କରିଥିଲେ। ସହରର ଏହିଭଳି ବିଭିନ୍ନ ମସ୍‌ଜିଦ୍‌ରେ ସମୂହ ନମାଜପାଠ ଅନୁଷ୍ଠିତ ହୋଇଥିଲା। ନମାଜ ପାଠ ସ୍ଥଳରେ ବିଧାୟକ ସଞ୍ଜୀବ ମଲ୍ଲିକ, କଂଗ୍ରେସର ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଉଦ ମହଲା ମୁସ୍‌ଲିମ୍ ଜମାତର ସଭାପତି ମହମ୍ମଦ ଅବଦୁଲ ବାରି ନେତୃତ୍ୱ ନେଇଥିଲେ। ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି ବିକାଶ ଦାସ ଓ କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କ ସମେତ ୨୨ ପ୍ଲାଟୁନ ଫୋର୍ସ ନମାଜପାଠ ସ୍ଥଳ, ବିଭିନ୍ନ ମନ୍ଦିର ଓ ମସ୍‌ଜିଦ୍‌ରେ ମୁତୟନ ରହିଥିଲେ। ସେହିପରି ବାସୁଦେବପୁର, ଧାମନଗର ଓ ବନ୍ତରେ ଇଦ୍-ଉଲ୍-ଜୁହା ପାଳନ କରାଯାଇଥିଲା।



କୁଆଁସସ୍ଥିତ ଇଦ୍‌ଗାହ ପଡ଼ିଆରେ ସମୂହ ନମାଜ ପାଠ।

ବାସୁଦେବପୁର ସାବରପୁରସ୍ଥିତ ବଡ଼ ମସ୍‌ଜିଦ୍ ପଡ଼ିଆରେ ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଭାଇମାନେ ଏକତ୍ର ହୋଇ ସମୂହ ନମାଜ ପାଠ କରିଥିଲେ। ଏହାପରେ ସେମାନେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ପର୍ବ ପାଳନ ପରେ ବଡ଼ ମସ୍‌ଜିଦ୍ ନିକଟସ୍ଥ ମଜାହାରରେ ଚାଦର ଚଢ଼ାଯାଇଥିଲା। ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଯୁବ ବିଜେଡି ସଭାପତି ଅସିତ୍ ଦାଶ, ନଗର ସଭାପତି ମାନସ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ତଥା ଜିଲା

## ସମୂହ ନମାଜ ପଢ଼ିଲେ, ପରସ୍ପରକୁ ଶୁଭେଚ୍ଛା ଜଣାଇଲେ

କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ଭାଜପାର ଯୁବନେତା ଉଦୟ ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନମାଜପାଠରେ ସାମିଲ ହୋଇଥିବା ଲୋକଙ୍କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। ସେହିପରି ବାସୁଦେବପୁର, ହାଟସାଗର, ନରସିଂହପୁର, ବ୍ରାହ୍ମଣଗାଁ, ମିର୍ଜାପୁର, ଗୁଆଗଡିଆ, କମାରଗାଁ, ଅଲଦଗା, ବିନାୟକପୁର, ସୁକଦେବପୁର ଆଦି ଅଞ୍ଚଳରେ ଇଦ୍ ପାଳନ କରାଯାଇଛି।

ଧାମନଗରଠାରେ ହଜାର ହଜାର ମୁସଲମାନ ଭାଇମାନେ ଇଦ୍‌ଗା ପଡ଼ିଆରେ ଏକତ୍ର ହୋଇଥିଲେ। ସକାଳ ୮ଟାରେ ଖାନ୍‌କା ସରିଫ ମତ ଅଲ୍ଲୀ ପହଞ୍ଚି ନମାଜ ପାଠ କରାଇଥିଲେ। ଏହାପରେ ରାଜନୈତିକ ଦଳର ନେତା, ବୁଦ୍ଧିଜିବୀମାନେ ଶୁଭେଚ୍ଛା ଜଣାଇଥିଲେ। ବନ୍ଧୁମିଳନ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ଜଗତି ସରିଫରେ ୮ଟା ୧୫ରେ ମସ୍‌ଜିଦ ଇମାମ ଅବଦଲ କାଦିର ଏବଂ ୮ଟା ୩୦ରେ ମୁନସିପାଟଣା ମସ୍‌ଜିଦରେ ଇମାମ ନମାଜ ପାଠ କରାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଦୋବଲ, ପନ୍ଦରବାଟିଆ, ଗୋଡ଼ିପୋଖରୀ, ଚୂଡାକୁଟି, ନଦୀଗାଁ ଇତ୍ୟାଦି ସ୍ଥାନର ମସ୍‌ଜିଦରେ ନିଜ ଇମାମଙ୍କ ଦ୍ୱାରା ନମାଜ ପାଠ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ପର୍ବ ପାଳନ ନେଇ ମୁସଲମାନ ଭାଇମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି। ମାଳତୀରା ଇଦ୍‌ଗାଠାରେ ମୌଲାନା ଇକ୍‌ବାଲ ନିଜାମୀଙ୍କ ଦ୍ୱାରା ସମୂହ ନମାଜପାଠ କରାଯାଇଥିଲା। ଏଠାରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ମୁସ୍‌ଲିମ ସମ୍ପ୍ରଦାୟର ଲୋକ ନମାଜପାଠ କରିଥିଲେ। ଚଣ୍ଡିପୁରସ୍ଥିତ ପଠାଣ ମହଲାରେ ମୌଲବି ରିହାଜ୍ ଖାନ୍, ତରାପୁର କାଜିମହଲାରେ ମୌଲବି ତାହା ସିଦ୍ଦିକ୍‌ଙ୍କ ଦ୍ୱାରା ସମୂହ ନମାଜପାଠ ହୋଇଥିଲା। ସେହିପରି ବନ୍ତ, ରାମଚନ୍ଦ୍ରପୁରର ମସ୍‌ଜିଦ୍ ଓ ଇଦ୍‌ଗାଠାରେ ସମୂହ ନମାଜପାଠ ଲାଗି ଭିଡ଼ ଜମିଥିଲା। ମାଳତୀରାଠାରେ ସମାଜସେବୀ ସେକ୍ ଜଲାଲଉଦ୍ଦୀନ ଓ ଚଣ୍ଡିପୁରସ୍ଥିତ ପଠାଣ ମହଲାରେ ସରପଞ୍ଚ ସେକ୍ ମୁସ୍ତାକ୍ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'ସମ୍ପର୍କ ନିବିଡ଼ କରେ ରକ୍ଷାବନ୍ଧନ'

ବନ୍ତ, ୧୨।୮ (ସ୍ୱ.ପ୍ର.): ବନ୍ତ ବ୍ଲକ ଆଗରପଡ଼ା କୁଆଁସ ମତିଆସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ସୋମବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ବ୍ରହ୍ମାକୁମାର ଜୟନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ରହ୍ମାକୁମାରୀ ସାରଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ପ୍ରତିଷ୍ଠାତାଙ୍କ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଗରପଡାରେ କାର୍ଯ୍ୟରତ ଖବରଦାତା ବିଶ୍ୱନାଥ ସିଂହ, ସନାତନ ରାଉତ, ହେମନ୍ତ ସିଂହ, ଜିତେନ୍ଦ୍ର ଶତପଥୀ, ବିନୋଦ ଧଳସାମନ୍ତ, ଅକ୍ଷୟ ସିଂହ ପ୍ରମୁଖ ଯୋଗଦେଇ ରକ୍ଷାବନ୍ଧନ ଦ୍ୱାରା ସମ୍ପର୍କ ନିବିଡ଼ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ବ୍ରହ୍ମାକୁମାରୀ ସସ୍ମିତା କବିତା ପଠନ କରିଥିଲେ। ବ୍ରହ୍ମାକୁମାର ଜ୍ୟୋତି ଧନ୍ୟବାଦ ଦେଇଥିଲେ। ବ୍ରହ୍ମାକୁମାରୀ ସାରଥି ସମସ୍ତ ଅତିଥି ଓ ବିଶ୍ୱବିଦ୍ୟାଳୟ ଶାଖାର ସମସ୍ତ ବ୍ରହ୍ମାକୁମାରୀ ବ୍ରହ୍ମାକୁମାରମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ପରେ ୧୫ଟି ସ୍କୁଲ, ଆଗରପଡ଼ା ବଜାର ଓ ବ୍ଲକ କାର୍ଯ୍ୟାଳୟରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ କରାଯାଇ ଆସନ୍ତା ୧୫ ତାରିଖରେ ଶେଷ ହେବ ବୋଲି ସୂଚନା ଦିଆଯାଇଛି।

### ଟ୍ରାକ୍ଟର ଧକ୍କାରେ ସମବାୟ ସମିତି କର୍ମଚାରୀ ମୃତ

ତିହିଡ଼ି, ୧୨।୮ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି-ବିଲଣା ରାସ୍ତାର ମୁନିପଦା ନିକଟରେ ସୋମବାର ମଧ୍ୟାହ୍ନରେ ଏକ ଟ୍ରାକ୍ଟର ଧକ୍କାରେ ପୂର୍ଣ୍ଣଚନ୍ଦ୍ର ମିଶ୍ର ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ଗାନ୍ଧିନଗର ସମବାୟ ସମିତିର କର୍ମଚାରୀ ଥିଲେ। ସାଇକେଲରେ ସେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତିହିଡ଼ି ଡାକ୍ତରଖାନାକୁ ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତିହିଡ଼ି ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ପୋଲିସ କହିଛି।

### ବିଜେଡିରେ କଂଗ୍ରେସ କର୍ମୀ

ପଦ୍ମପୁର, ୧୨।୮ (ଡି.ଏନ.ଏ.): ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର କୋରବାଟିଆଠାରେ ପୁରୁଖା କଂଗ୍ରେସ କର୍ମୀ ବୈଲୋଚନ ଦାସ, କୃପାସିନ୍ଧୁ ବିଶ୍ୱାଳ ଓ ସନାତନ ନାୟକଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କୋରବାଟିଆ ଗ୍ରାମରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଭାଗୀରଥି ବଳ ସଭାପତିତ୍ୱ କରିଥିଲେ। ୧୪ ନମ୍ବର ୱାର୍ଡର ସଭ୍ୟ ସଞ୍ଜୀବ କୁମାର ପରିଡ଼ାଙ୍କ ଉଦ୍ୟମରେ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବାବେଳେ ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କର୍ମୀ ରମାକାନ୍ତ ବିଶ୍ୱାଳ, ସରପଞ୍ଚଙ୍କ ପ୍ରତିନିଧି ଉମାକାନ୍ତ ଦାସ, ସମିତିସଭ୍ୟଙ୍କ ପ୍ରତିନିଧି ହରେକୃଷ୍ଣ ଦତ୍ତ, ବାସୁଦେବ ବାରିକ ଓ ଅକ୍ଷୟ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ଗୋରୁ ଗାଡ଼ି ଅଟକ ଘଟଣା ବେପାରୀ, ଚାଳକ ଗିରଫ

ବନ୍ତ, ୧୨।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ା-ବରପଦା ରାସ୍ତାର ଧୋବାଗଡିଆ ଛକଠାରେ ରବିବାର ଏକ ବେଆଇନ ଗୋରୁ ବୋଝେଇ ଗାଡ଼ିକୁ ସ୍ଥାନୀୟ ଯୁବକ ଅଟକାଇ ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ପୋଲିସ ଉକ୍ତ ଗାଡ଼ି ସହିତ ଚାଳକ ଓ ବେପାରୀଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଚଳାଇଥିଲା। ବେଆଇନ ଗୋଚାଲାଣ ଅଭିଯୋଗରେ ଆଗରପଡ଼ା ଥାନା ପୋଲିସ ଏକ ମାମଲା (ନଂ.୧୦୫/୧୯) ରୁଜୁ କରିଛି। ତଦନ୍ତ ପରେ ପୋଲିସ ସୋମବାର ଗାଡ଼ି ଚାଳକ ଭଦ୍ରକ ପୁରୁଣାବଜାର ଅଞ୍ଚଳର ଅଜୟ ଜେନା ଓ ଗୋରୁ ବେପାରୀ ନାସିର ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖନୀୟ ଯେ, ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆଗରପଡ଼ା ଅଞ୍ଚଳରୁ ୧୦ଟି ଗୋରୁ ବୋଝେଇ କରି ନିଆଯାଉଥିବା ବେଳେ ଧୋବାଗଡିଆ ଛକଠାରେ କେତେକ ଯୁବକ ଗାଡ଼ିକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଗାଡ଼ିକୁ ଥାନାକୁ ନେଇଥିଲା। ସେଠାରେ ଗୋରୁଙ୍କୁ ଓହ୍ଲାଇ ପ୍ରାଣୀ ଚିକିତ୍ସକଙ୍କୁ ଡକାଇ ଚିକିତ୍ସା କରାଇବା ସହ ସମ୍ପୃକ୍ତ ବେପାରୀ ଓ ଚାଳକଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

# ମୁଆଁଘାଟରେ ଭାସିଗଲା ଭୁଟୁଭୁଟି



ଭାସି ଯାଇଥିବା ଭୁଟୁଭୁଟିକୁ ଓଡ୍ରାଫ ଟିମ୍ ଉଦ୍ଧାର କରୁଛି।

ଆରଡ଼ି, ୧୨।୮ (ଡି.ଏନ.ଏ.)

ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ି ନିକଟରେ ଥିବା ମୁଆଁଘାଟରେ ସୋମବାର କାଉଡିଆମାନେ ବୈତରଣୀ ନଦୀ ପାର୍ ହେଉଥିବା ବେଳେ ଭୁଟୁଭୁଟି ପ୍ରାୟ ଦେଢ଼ କି.ମି. ଦୂରକୁ ଭାସି ଯାଇଥିଲା। କେନ୍ଦ୍ରାପଡ଼ା ଜିଲା ପାର୍ଶ୍ୱରୁ ଏହି ଭକ୍ତମାନେ ମଣିବାବାଙ୍କୁ ଜଳଲାଗି କରିବାକୁ ରବିବାର ପୀଠକୁ ଆସିଥିଲେ। ସେମାନେ ସୋମବାର ପୂର୍ବାହ୍ନରେ ଫେରୁଥିବା ବେଳେ ନଦୀର କିଛିବାଟ ଗଲା ପରେ ସେହି ଭୁଟୁଭୁଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଚାଳକ ନିରୁପାୟ ହୋଇ ମଙ୍ଗ ସଳଖି ଧରି କାଉଡ଼ିଆମାନଙ୍କୁ ନୀରବ ରହିବାକୁ କହିଥିଲେ। ଖବର ପାଇ ଓଡ୍ରାଫ ଟିମ୍ ଅନ୍ୟ ଏକ ଭୁଟୁଭୁଟି ସହାୟତାରେ ସମସ୍ତ କାଉଡ଼ିଆଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ସେହି ଭୁଟୁଭୁଟିରେ ୫୦ରୁ ୬୦ ଜଣ କାଉଡ଼ିଆ ଥିଲେ ବୋଲି ଜଣାପଡ଼ିଛି।

## କାଉଡ଼ିଆଙ୍କୁ ଉଦ୍ଧାର କଲା ଓଡ୍ରାଫ ଟିମ୍

# ମଦ ସହ ୩ ଗାଡ଼ି ଜବତ, ୩ ଗିରଫ

ଭଦ୍ରକ ଅଫିସ, ୧୨।୮

ଭଦ୍ରକ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ରବିବାର ରାତି ଓ ସୋମବାର ସକାଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ମଦ ସହ ୩ଟି ଗାଡ଼ି ଜବତ କରିଛି। ଏଥିସହ ୩ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ରଙ୍କ ନେତୃତ୍ୱରେ ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ଧନେଶ୍ୱର ବରାଡଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଭଦ୍ରକ ଟାଉନ ଓ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତ୍ରିଶଳପୁର, ଗଣିଜାଙ୍ଗ ଓ ନଛିପୁର ଅଞ୍ଚଳରେ ଗାଡ଼ି ତନଖି କରିଥିଲେ। ଚଢ଼ାଉ ବେଳେ ଏହି ସ୍କ୍ୱାଡ ଗୋଟିଏ ବୋଲେରୋ, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଏବଂ ଟାଟାମ୍ୟାଜିକ୍ ସହ ୧୪୫୦ ଲିଟର ଦେଶୀମଦ ଓ ୭୫ ଲିଟର ଆସ୍କାଫଟି ଜବତ କରିଥିଲା। ସମ୍ପୃକ୍ତ ୩ ମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାବେଳେ ଜଣେ ଫେରାର ଅଛନ୍ତି। ଗିରଫ ମଦ ବ୍ୟବସାୟୀମାନେ ହେଲେ ଦୋଳସାହିର ମାନସ କୁମାର ଜେନା, ଜଳଙ୍ଗାର ଖଗେଶ୍ୱର ବେହେରା ଓ ବାଲେଶ୍ୱର ଜିଲା ରାଧାନାଥପୁରର ଏସ୍.କେ ନିଜାମୁଦ୍ଦିନ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଖବର ପ୍ରକାଶ ପରେ ଚେତା ପଶିଲା

# ବୈତରଣୀ ନଦୀବନ୍ଧରେ ମାଟି ପଡ଼ିଲା

ଭଣ୍ଡାରିପୋଖରୀ, ୧୨।୮(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବୈତରଣୀ ନଦୀ ବାମପାର୍ଶ୍ୱ ନଦୀବନ୍ଧର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ମଣିନାଥପୁର, ବିନ୍ଧାଣ, କଣ୍ଟିଘାଇ, ରଘୁନାଥପୁର ଖେଳପଡ଼ିଆ ନିକଟରେ ବର୍ଷାରେ ବନ୍ଧରୁ ମାଟି ଧସିବା, ଫାଟ ସୃଷ୍ଟି ହେବା ଓ ମାଟି ଧୋଇ ଖାଲ ହୋଇଯାଇଥିଲା। ନାବାର୍ଡ ସହାୟତାରେ ଏହି ନଦୀବନ୍ଧକୁ ବୃହତ୍ ନଦୀବନ୍ଧରେ ପରିଣତ କରାଯାଉଛି। ଏଷ୍ଟିମେଟ ଅନୁଯାୟୀ ଠିକାସଂସ୍ଥା ବାହାରୁ ମାଟି ନ ଆଣି ନଦୀ ପାର୍ଶ୍ୱବର୍ତ୍ତୀରୁ ମାଟି ଉଠାଇ ବନ୍ଧରେ ପକାଇ କାମ କରିଥିବା ଅଭିଯୋଗ ହୋଇଥିଲା। ସାମାନ୍ୟ ବର୍ଷାରେ କେଉଁଠି ବନ୍ଧରୁ ମାଟି ଖସିଥିଲା ତ ଆଉ କେଉଁଠି ଫାଟ ସୃଷ୍ଟି ହୋଇଥିଲା। ଏ ନେଇ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଯାଜପୁର ଜଳସମ୍ପଦ ବିଭାଗର ଚେତା ପଶିଛି। ମାଟି ଧସିଥିବା ସ୍ଥାନରେ ପୁଣି ମାଟି ପକା ବ୍ୟବସ୍ଥା ହୋଇଛି। ହେଲେ ପୁଣି ଠିକାସଂସ୍ଥା ବାଲି ମିଶା ମାଟି ଟ୍ରାକ୍ଟର ଯୋଗେ ଆଣି ପକାଉଥିବା ସ୍ଥାନୀୟ ମଣିନାଥପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଭଣ୍ଡାରିପୋଖରୀ ବ୍ଲକ ବନ୍ୟାପ୍ଲାବିତ ଅଞ୍ଚଳ। ଠିକାସଂସ୍ଥା ଓ ଜଳସମ୍ପଦ ବିଭାଗର ଖାମଖିଆଲି କାର୍ଯ୍ୟ ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଆଖୁଆପଦା ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସଙ୍କୁ ପଚାରିବାରୁ କହିଛନ୍ତି, ଦୁଇଦିନ ତଳେ ମାଟି ପକାଯାଇଥିବା ପ୍ରକାଶ କରିଛନ୍ତି। ତେବେ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଯାଜପୁର ଜିଲାରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସେ କହିଛନ୍ତି।



ବୈତରଣୀ ନଦୀବନ୍ଧରେ ଧସିଥିବା ସ୍ଥାନରେ ମାଟି ପଡ଼ିଛି।

# ଅଖିଳ ଭାରତ ଛାତ୍ରସଂଘର ପ୍ରତିଷ୍ଠା ଦିବସ

ବନ୍ତ, ୧୨।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଛକଠାରେ ସୋମବାର ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପୂର୍ବତନ ଛାତ୍ରନେତା ତଥା ଆଇନଜୀବୀ ସଂଗ୍ରାମ କେଶରୀ ଜେନା ପତାକା ଉତ୍ତୋଳନ କରିଥିଲେ। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରନେତା ମଳୟ ଜେନା, ରବୀନ୍ଦ୍ର ରାଉତ, ସଇଫୁଲ୍ଲା ଖାଁ, ସତ୍ୟପ୍ରକାଶ ଜେନା, ମାନସ କୁମାର ବାରିକ, ଶୁଭସ୍ମିତା ସାହୁ ଓ ଯୁଧିଷ୍ଠିର ଜେନା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ୧୯୩୬ ଅଗଷ୍ଟ ୧୨ରେ ପ୍ରତିଷ୍ଠା ହୋଇଥିବା ଛାତ୍ରସଂଘ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେଇ ସେମାନେ ବକ୍ତବ୍ୟ ରଖିଥିଲେ। ଅଖିଳ ଭାରତ ଯୁବ ସଂଘ ଜିଲା ସମ୍ପାଦକ ପରମେଶ୍ୱର ବାରିକ ଓ ପୂର୍ବତନ ଛାତ୍ରନେତା ରମେଶ ଜେନା ଯୋଗ ଦେଇଥିଲେ।

# ବିଭିନ୍ନ ଶୈବପୀଠରେ ଜଳଲାଗି

ପଦ୍ମପୁର, ୧୨।୮ (ଡି.ଏନ.ଏ.)

ଶ୍ରାବଣ ମାସର ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ହଜାର ହଜାର କାଉଡିଆ ଭକ୍ତ ଜଳଲାଗି କରିଛନ୍ତି। କାଉଡିଆମାନେ କପାଗଡ଼ିଆ ନିକଟସ୍ଥ କଞ୍ଚୁଡ଼ି ନଦୀରୁ ଜଳ ଉଠାଇ ପାରମ୍ପରିକ ପୂଜାର୍ଚ୍ଚନା କରିବା ସହ ଏଡତାଳର ମେକିଂଛକ ସ୍ଥିତ ନାଗେଶ୍ୱର ଶିବ ମନ୍ଦିରରେ ଜଳଲାଗି କରିଥିଲେ। ସେହିପରି ଦଧିବାମନପୁର ନିକଟସ୍ଥ ମନ୍ତେଇ ନଦୀରୁ ଜଳ ନେଇ ଅଗାପୁରର ବାବା ଘାଟେଶ୍ୱରଙ୍କର ମନ୍ଦିରରେ ଶ୍ରଦ୍ଧାଳୁମାନେ ଜଳଲାଗି କରିବା ସହ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥପ୍ରସାଦ ଜୟକୃଷ୍ଣପୁରର ବାବା ନୀଳକଣ୍ଠେଶ୍ୱର, କହୁଣିଆସାହି ଓ ଛତ୍ରପୁର ମହାଦେବ ମନ୍ଦିର, ଲକ୍ଷ୍ମୀଦାସପୁର, ରାଜଘର ପୋଖରୀ, ବାଲିମେଦ, କରଞ୍ଜଆଡ଼ିଆର ଗରୁଡେଶ୍ୱର ମନ୍ଦିରରେ ହଜାର ହଜାର କାଉଡିଆ ଜଳଲାଗି କରି ବ୍ରତ ଭାଙ୍ଗିଥିଲେ। ଏହି ଅବସରରେ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ କାଉଡିଆମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।



କାଉଡିଆ ଭକ୍ତମାନେ ଶ୍ରାବଣୀ ଭାର ନେଇ ଯାଉଛନ୍ତି।

# ଏଯାଏ ଆଧାର ଲିଙ୍କ୍ କରିନାହାନ୍ତି ୭୮୫୫ କାର୍ଡଧାରୀ

■ସେପ୍ଟେମ୍ବରରୁ ମିଳିବନି ଖାଉଟି ସାମଗ୍ରୀ

■କଟିବେ ନକଲି ହିତାଧିକାରୀ

ଭଦ୍ରକ ଅଫିସ, ୧୨।୮

ରାଶନ କାର୍ଡ ସହ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ କରାଯାଇଛି। ଆଧାର ଲିଙ୍କ୍ ନ ଥିଲେ ସେପ୍ଟେମ୍ବର ମାସରୁ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ମିଳିବ ନାହିଁ। ରାଜ୍ୟ ସରକାର ଚିଠି ମାଧ୍ୟମରେ ସମସ୍ତ ଜିଲାପାଳଙ୍କ ନିକଟକୁ ଏହି ନିର୍ଦ୍ଦେଶନାମା ପଠାଇଛନ୍ତି। ଭଦ୍ରକ ଜିଲାପାଳଙ୍କ ନିକଟରେ ଚିଠି ପହଞ୍ଚିବା ପରେ ଜିଲାରେ ରାଶନକାର୍ଡଧାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଜିଲାରେ ଥିବା ମୋଟ ୨,୮୩,୯୫୪ କାର୍ଡଧାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨,୭୬,୦୦୦ ହିତାଧିକାରୀ ଆଧାର ଲିଙ୍କ୍ କରିଥିବା ବେଳେ ୭୮୫୫ କାର୍ଡଧାରୀ ଏହା କରିନାହାନ୍ତି।

ଉଲ୍ଲେଖନୀୟ ଯେ, ଭଦ୍ରକ ଜିଲାରେ ବହୁ ନକଲି ରାଶନକାର୍ଡ ରହିଥିବା ଏବଂ ଅନେକ ଅଯୋଗ୍ୟ ହିତାଧିକାରୀ କାର୍ଡ ହାତେଇ ଖାଉଟି ସାମଗ୍ରୀ ଲୁଟୁଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଇ ନ ଥିଲା। ଏପରିକି କେତେକ ମୃତ ବ୍ୟକ୍ତିଙ୍କ ନାମରେ ରାଶନ ଉଠାଯାଉଥିବା ଅଭିଯୋଗ ରହିଥିଲା। ଏବେ ଆଧାର ଲିଙ୍କ୍ କଟକଣା ଜାରି ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ରାଶନକାର୍ଡ ଆଧାର ଲିଙ୍କ୍ କରାଯିବା ସକାଶେ ସମସ୍ତ ରିଟେଲରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ନକଲି କାର୍ଡଧାରୀଙ୍କ ମଧ୍ୟରେ ଛାନିଆ ଖେଳିଯାଇଛି।

ପ୍ରଶାସନଠାରୁ ମିଳିଥିବା ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକରେ ୪୨,୫୬୯ କାର୍ଡରେ ୧ ,୬୫,୫୫୧ ଜଣଙ୍କୁ ଖାଉଟି ସାମଗ୍ରୀ ପାଉଛନ୍ତି। ସେମାନଙ୍କ ମଧ୍ୟରୁ ୧,୪୬,୯୦୯ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ଭଦ୍ରକ ବ୍ଲକର ୪୧,୨୩୦ କାର୍ଡରେ ୧,୬୧,୪୫୩ ଜଣ ରାଶନ ପାଉଥିବା ବେଳେ ୪୦,୬୭୬ କାର୍ଡର ୧,୫୦,୬୭୫ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ଭଣ୍ଡାରିପୋଖରୀ ବ୍ଲକରେ ୨୫,୬୫୭ କାର୍ଡରେ ୧,୦୧,୦୯୨ ହିତାଧିକାରୀ ରାଶନ ପାଉଥିବା ବେଳେ ୨୫,୨୫୦ କାର୍ଡରେ ୯୩,୧୫୯ ହିତାଧିକାରୀ ଆଧାର ଲିଙ୍କ୍ କରିଛନ୍ତି। ବନ୍ତ ବ୍ଲକର ୨୯,୧୨୮ କାର୍ଡ ରହିଛି। ୧,୧୭,୬୬୧ ହିତାଧିକାରୀ ରାଶନ ପାଉଛନ୍ତି। ୨୮,୧୨୩ କାର୍ଡର ୧,୦୦,୪୮୬ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଛି। ଚାନ୍ଦବାଲି ବ୍ଲକର ୪୭,୭୭୩ କାର୍ଡରେ ୧,୯୨,୨୧୭ ହିତାଧିକାରୀ ରାଶନ ପାଉଥିବା ବେଳେ ଏଥିମଧ୍ୟରୁ ୪୬,୩୬୭ କାର୍ଡର ୧,୬୮,୧୯୬ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ଧାମନଗର ବ୍ଲକର ୩୬,୩୦୪ କାର୍ଡର ୧,୪୯,୮୬୦ ହିତାଧିକାରୀ ରାଶନ ପାଉଥିବା ବେଳେ ୩୫,୧୭୦ କାର୍ଡର ୧,୩୨,୪୪୧ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ତିହିଡି ବ୍ଲକରେ ୩୯,୪୦୬ କାର୍ଡରେ ୧,୪୭,୬୯୬ ହିତାଧିକାରୀ ରାଶନ ପାଉଥିବା ବେଳେ ସେଥିମଧ୍ୟରୁ ୩୮,୨୭୯ କାର୍ଡର ୧,୩୧,୫୦୧ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଥିବା ଜଣାପଡ଼ିଛି। ବାସୁଦେବପୁର ଏନ୍‌ଏସିର ୪,୮୭୧ କାର୍ଡରେ ୧୮,୩୭୦ ହିତାଧିକାରୀ ରାଶନ ପାଉଛନ୍ତି। ସେଥିମଧ୍ୟରୁ ୪,୭୮୬ କାର୍ଡର ୧୬,୯୬୫ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ଭଦ୍ରକ ପୌରପାଳିକାରେ ୧୭,୦୧୪ କାର୍ଡରେ ୬୩,୫୫୮ ହିତାଧିକାରୀ ରାଶନ ପାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୫,୭୩୧ଟି କାର୍ଡର ୫୪,୪୦୫ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ମୋଟ ୯୭ ପ୍ରତିଶତ ଆଧାର ଲିଙ୍କ୍ ହୋଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ୨୧୮ ଟି ପଞ୍ଚାୟତରେ ଥିବା ୫୦୬ ରିଟେଲରଙ୍କୁ ଆଧାର ଲିଙ୍କ୍ କରି ନ ଥିବା ଅଯୋଗ୍ୟ ଖାଉଟିଙ୍କୁ ନିର୍ଦ୍ଧାରିତ ସମୟରେ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଦ୍ୱାରଶୁଣି ଘାଟିରୁ ଖସିଲା ଟ୍ରକ ଜଣେ ମୃତ, ୧ ଗୁରୁତର

ବାଙ୍ଗିରିପୋଷି,୧୨।୮(ଡି.ଏନ୍.ଏ.)- ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ରବିବାର ବିଳମ୍ବିତ ରାତିରେ କଲିକତା ଅଭିମୁଖେ ଯାଉଥିବା ଏକ ଟ୍ରକ ୫୦ ଫୁଟ ତଳକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବିହାର ରାଜ୍ୟ କେକରିତେଲି ଅଞ୍ଚଳର ଡ୍ରାଇଭର ପ୍ରମୋଦ ଯାଦବ(୩୦)। ଆହତ ଜଣକ ସେବକ ଯାଦବ(୨୫) ବୋଲି ଜଣାପଡ଼ିଛି। ଖବର ପାଇ ବାଙ୍ଗିରିପୋଷି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଖୁଣ୍ଟା ଡିଗ୍ରୀ କଲେଜ କର୍ମଚାରୀଙ୍କୁ ମିଳୁନି ବକେୟା ଦରମା

ଖୁଣ୍ଟା,୧୨।୮(ଡି.ଏନ୍.ଏ.)- ଖୁଣ୍ଟା ଡିଗ୍ରୀ କଲେଜରେ କର୍ମଚାରୀମାନଙ୍କ ବକେୟା ଦରମା ଅର୍ଥ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି କଲେଜରେ କାର୍ଯ୍ୟରତ ୧୪ ଜଣ ବିଭିନ୍ନ ବର୍ଗର କର୍ମଚାରୀଙ୍କ ବକେୟା ଦରମା ବାବଦକୁ ବ୍ଲକଗ୍ରାଣ୍ଟ ଅନୁଦାନରୁ ୪୦ ପ୍ରତିଶତ ହିସାବରେ ମୋଟ ୪୦ ଲକ୍ଷ ୫୬ ହଜାର ୩୧୨ ଟଙ୍କା ସରକାରଙ୍କ ପକ୍ଷରୁ କଲେଜ ଆକାଉଣ୍ଟରେ ଗତ ମାର୍ଚ୍ଚ ମାସ ୨୭ ତାରିଖରେ ଜମା କରାଯାଇଥିଲା। କଲେଜ କର୍ତ୍ତୃପକ୍ଷ ସେଥିରୁ ୧୬ ଲକ୍ଷ ୫୫ ହଜାର ୧୦୮ ଟଙ୍କା କାଟିରଖି ବଳକା ଅର୍ଥକୁ କର୍ମଚାରୀମାନଙ୍କୁ ଦରମା ଆକାରରେ ପ୍ରଦାନ କରିଥିଲେ। ଏହାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘଟଣା ସମ୍ପର୍କରେ କର୍ମଚାରୀମାନେ ଗତ ଏପ୍ରିଲ ମାସରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ କମିଶନରଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ କର୍ମଚାରୀମାନେ ଗତ ୫ ତାରିଖରେ ମୟୂରଭଞ୍ଜ ଜିଲାପାଳଙ୍କ ନିକଟରେ ସାନି ଅଭିଯୋଗ କରିଛନ୍ତି। ଜିଲାପାଳ କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାଇ ଉକ୍ତ ମହାବିଦ୍ୟାଳୟ ୨୦୧୮ ମସିହା ଠାରୁ ଏଡେଡ୍ କଲେଜର ମାନ୍ୟତା ପାଇଛି। ପୂର୍ବରୁ ଏହା ବ୍ଲକଗ୍ରାଣ୍ଟ କଲେଜର ମାନ୍ୟତା ପାଇଥିଲା। ଓଡିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଗେଜେଟ ନୋଟିଫିକେସନ ଅନୁଯାୟୀ ବ୍ଲକଗ୍ରାଣ୍ଟ କଲେଜରେ କାର୍ଯ୍ୟରତ କର୍ମଚାରୀଙ୍କ ମୂଳ ଦରମାର ୬୦ ପ୍ରତିଶତ ପର୍ଯ୍ୟନ୍ତ କଲେଜ ପ୍ରଦାନ କରିବା ବ୍ୟବସ୍ଥା ରହିଛି। ଦରମାର ୪୦ ପ୍ରତିଶତ ସରକାର ବହନ କରିବେ। ତଦନୁଯାଇ କଲେଜର ଏହି ବ୍ଲକଗ୍ରାଣ୍ଟ ଅବଧି ମଧ୍ୟରେ କାର୍ଯ୍ୟରତ ୮ ଜଣ ଅଧ୍ୟାପିକା ଅଧ୍ୟାପକ, ୪ ଡେମୋନଷ୍ଟ୍ରେଟର, ଜଣେ କିରାଣି ଓ ଜଣେ ପିଅନ ମିଶି ମୋଟ ୧୪ ଜଣ କର୍ମଚାରୀ ଦରମାର ୬୦ ପ୍ରତିଶତ ଟଙ୍କା ବଦଳରେ କଲେଜରୁ ସାମାନ୍ୟ ପାରିଶ୍ରମିକ ନେଇ କାର୍ଯ୍ୟ କରି ଆସୁଛନ୍ତି। ଘଟଣାର ତଦନ୍ତ କରାଯାଇ ବକେୟା ଦରମା ଅର୍ଥ ସେମାନଙ୍କୁ ପ୍ରଦାନ କରାଯାଉ ବୋଲି କର୍ମଚାରୀମାନଙ୍କ ପରିବାର ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କୁ ପଚାରିବାରୁ କହିଛନ୍ତି, ସେ ନିୟମ ଅନୁଯାୟୀ କାର୍ଯ୍ୟ କରିଛନ୍ତି। କର୍ମଚାରୀମାନେ ଏକ ସମୟରେ କଲେଜରୁ ଓ ସରକାରଙ୍କ ଠାରୁ କେମିତି ଦୁଇ ଥର ଦରମା ପାଇବେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି।

# ହାତୀ ଆତଙ୍କ ଥମୁନି

ଠାକୁରମୁଣ୍ଡା,୧୨।୮(ଡି.ଏନ୍.ଏ.)

- ଧାନ ଫସଲ ବ୍ୟାପକ ନଷ୍ଟ
- ଗାଁ ପାଖ ଜଙ୍ଗଲ ଛାଡି ଯାଉନାହାନ୍ତି

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଝାଡଖଣ୍ଡ ହାତୀ ପଲ ଆତଙ୍କ ଖେଳାଇଛନ୍ତି। ହାତୀ ଉପଦ୍ରବ ଚଳାଇ ୩୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ସାରିଲେଣି। ସେମାନେ ପ୍ରତି ରାତିରେ ଜଙ୍ଗଲ ତଳି ଗାଁ ଗଣ୍ଡାରେ ପଶି ବ୍ୟାପକ ଧାନ ଓ ପରିବା ଫସଲ ଉଜାଡି ଦେଉଛନ୍ତି। ସନ୍ଧ୍ୟା ହେଲେ ହାତୀ ପଲ ଜଙ୍ଗଲରୁ ଆସି ଉପଦ୍ରବ କରୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରାତି ବିତାଉଛନ୍ତି। ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାରେ ସଫଳ ହେଉ ନ ଥିବାରୁ ଧନ ଜୀବନ ହାନୀ ଘଟି ଚାଲିଛି। ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଦିଗଧର ପଞ୍ଚାୟତ ନୂଆସାହି ଗାଁ ଆମ୍ବନାଳୀଠାରେ କିଛି ଦିନ ହେଲା ଏହି


ହାତୀ ଖୋଜରେ ନଷ୍ଟ ହୋଇଥିବା ଫସଲ।

ହାତୀପଲଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲହାନି ହୋଇଛି। ହାତୀପଲ ଗ୍ରାମ ନିକଟ ଜଙ୍ଗଲ ଛାଡ଼ି ଯାଉ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଦିଗଧର ଗ୍ରାମର ରାମଦୁ ହାସଁଦା, ଈଶ୍ୱର ମାରାଣ୍ଡି, ଗଣେଶ ସୋରେନ, ରାମଚନ୍ଦ୍ର ହାସଁଦା ଇନ୍ଦ୍ରମଣି ସୋରେନଙ୍କ ଫସଲ ହାତୀପଲ ଉଜାଡି ଦେଇଛନ୍ତି। ହାତୀ ପଲ ଘଉଡାଇବା ସହ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ହେଉଛି।

### ଆକ୍ରମଣରେ ଜଣେ ଗୁରୁତର

ବାଙ୍ଗିରିପୋଷି,୧୨।୮(ଡି.ଏନ୍.ଏ.)- ବାଙ୍ଗିରିପୋଷି ବନାଞ୍ଚଳ ଅନ୍ତର୍ଗତ ଆମ୍ବଡିହା ଗ୍ରାମର ସମାୟ ଟୁଡୁଙ୍କ ପୁଅ ସୁନାରାମ ଟୁଡୁ ସୋମବାର ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ସକାଳେ ଶୌଚ ପାଇଁ ଯାଇଥିବା ବେଳେ ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା ବାଙ୍ଗିରିପୋଷି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା



ପରେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ତପନ କୁମାର ଦାସ ପିଆରଏମ ମେଡିକାଲରେ ଆହତଙ୍କୁ ଭେଟି ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ି ଚାଲିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

- ନାବାଳିକାଙ୍କୁ ବଳାତ୍କାର ସହ ଅଶ୍ଲୀଳ ଫଟୋ ଭାଇରାଲ ମାମଲା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍ଏଚ୍ଆର୍ସିରେ ପିଟିଶନ

ଭୁବନେଶ୍ୱର,୧୨।୮(ବ୍ୟୁରୋ)-

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଟେକିନେଇ ଜଙ୍ଗଲରେ ବଳାତ୍କାର କରାଯିବା ସହ ନଗ୍ନ ଫଟୋକୁ ଭାଇରାଲ କରାଯାଇଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବିକ ଅଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ଏନ୍ଏଚ୍ଆର୍ସି କାର୍ଯ୍ୟାଳୟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏହି ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୟୂରଭଞ୍ଜ ଏସ୍ପିଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ୪ ସପ୍ତାହ ମଧ୍ୟରେ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୫ରେ ନାବାଳିକା ଜଣକ ଏକୁଟିଆ କଲେଜରୁ ଘରକୁ ଫେରୁଥିଲେ। ବାଟରେ ଜଙ୍ଗଲ ରାସ୍ତାଦେଇ ଆସୁଥିବାବେଳେ ଜଣେ ଯୁବକ ତାଙ୍କୁ ଜବରଦସ୍ତ ଟେକିନେଇ ଜଙ୍ଗଲ ଭିତରେ ବଳାତ୍କାର କରିଥିଲେ। ଏଥିସହିତ ଏହି ସମୟର ଫଟୋକୁ ମଧ୍ୟ ମୋବାଇଲ୍ ଫୋନ୍‌ରେ ଉଠାଇଥିଲେ। କାହା ଆଗରେ କହିଲେ ଉକ୍ତ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଅଭିଯୁକ୍ତ ଜଣକ ଧମକ ଦେଇଥିଲେ। ଭୟରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ଗତ ସୋମବାର ଉକ୍ତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନାବାଳିକା ଥାନାର ଦ୍ୱାରସ୍ତ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ସେ ଅଭିଯୋଗ ଥାନାରୁ ଉଠାଇନେବାକୁ ଧମକ ଦେଉଛନ୍ତି। ନଚେତ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ କହୁଥିବା ନାବାଳିକା ଜଣକ ପୋଲିସକୁ ଜଣାଇଛନ୍ତି।

# ମୟୂରଭଞ୍ଜ ସାହିତ୍ୟ ପରିଷଦର କବିତା ପାଠୋତ୍ସବ



କବିତା ପଠୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ବିଷୟ ସମ୍ପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସିଟିଜେନ ଫୋରମର ଆବାହକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଖଣ୍ଡ ଭାରତର ରୂପରେଖ ତଥା ଗାରିମାର କଥା ବଖାଣିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ କୃଷ୍ଣଚନ୍ଦ୍ର ଶତପଥୀ, କବି ବୃନ୍ଦାବନ ଦାଶ, ମୟୂରଭଞ୍ଜ ପୁସ୍ତକ ମେଳା କମିଟିର କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର ଏବଂ କବି ଶଙ୍କର ଜେନା ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଅଖଣ୍ଡ ଭାରତର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। କବି ଶିଉଲାଲ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଉପସଭାପତି କାବେରୀ ମିଶ୍ର କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କବୟିତ୍ରୀ ବାସନ୍ତୀଲତା ମହାପାତ୍ର ଏବଂ କବି ଅଜୟ ପାଲଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅଜିତ ପାଣିଗ୍ରାହୀ, ଅଜିତ କୁମାର କବାଟ, ବୃନ୍ଦାବନ ଦାଶ, ନୂତନ କୁମାର ବେହେରା, ସତୀଶ ଚନ୍ଦ୍ର ବେହେରା, ସମରେନ୍ଦ୍ର ବଶା, ବୀଣାପାଣି ପଣ୍ଡା, ତିମିର ଘୋଷ, ଡ.ଦୀନବନ୍ଧୁ ଭଞ୍ଜ, ଦୀପକ ଶତପଥୀ, ଜୟନ୍ତ କୁମାର ଦ୍ୱାରୀ ପ୍ରମୁଖ କବିତା ପାଠ କରିଥିଲେ। ହିମାଂଶୁ ଶେଖର ଦାସ, ବିଦ୍ୟାଧର ପାତ୍ର, ନରସିଂହ ବାରିକ, ଅଶୋକ କୁମାର କର, ଲିପିକା ଦାଶ, ଅମିତାଭ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ମନୋଜ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ଆଗତ ମାମଲା ଖାରଜ

କୁଆମରା,୧୨।୮(ଡି.ଏନ୍.ଏ.)-

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଆଗତ ହୋଇଥିବା ଏକ ମାମଲା କୋର୍ଟରେ ଖାରଜ ହୋଇଯାଇଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦ ନିମନ୍ତେ ଜେମାମଣି ସିଂଙ୍କ ବିପକ୍ଷରେ ବୁଧିନୀ ସିଂ ଅଧିକ ଭୋଟ ପାଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଜେମାମଣି ନିର୍ବାଚନରେ ହାରିଯିବା ପରେ ବୁଧିନୀ ବୟସ ପ୍ରମାଣପତ୍ରରେ ଜାଲିଆତି କରିଥିବା ଦର୍ଶାଇ ଉଦଳା ଅଦାଲତରେ ମାମଲା ଦାଏର କରିଥିଲେ। ଜେମାମଣିଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୩୬/୧୭) ରୁଜୁ ହୋଇ ବିଚାରଧୀନ ଥିଲା। ତେବେ ଅଭିଯୋଗରେ ବୁଧିନୀଙ୍କ ବୟସ ୨୧ ବର୍ଷରୁ କମ ଦର୍ଶାଯାଇ ଥିବା ବେଳେ ଜନ୍ମଗତ ପ୍ରମାଣପତ୍ରରେ ୨୩ ବର୍ଷରୁ ଅଧିକ ଥିବା ପ୍ରମାଣିତ ହେବାରୁ ଆଗତ ମାମଲା ଖାରଜ ହେବା ସହ ସରପଞ୍ଚ ବୁଧିନୀଙ୍କ ସପକ୍ଷରେ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ବୁଧିନୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୀପକ କୁମାର ପାତ୍ର ଓ ଜେମାମଣିଙ୍କ ପକ୍ଷରୁ ସତ୍ୟବ୍ରତ ମିଶ୍ର ମାମଲା ଲଢୁ ଥିଲେ।

# ଠିକାଦାର ସଂଘର ବାର୍ଷିକ ଅଧିବେଶନ


ଠିକାଦାର ସଂଘ ପକ୍ଷରୁ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଉଦଳା,୧୨।୮(ଡି.ଏନ୍.ଏ.)

ଉଦଳା ଡାକବଙ୍ଗଳାଠାରେ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇଥିବା ନବ ନିର୍ବାଚିତ ବିଧାୟକ ଭାସ୍କର ମଢେଇଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆସନ୍ତା ୩ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଉପସଭାପତି ରବୀନ୍ଦ୍ର କୁମାର ପରିଡା, ଅତନୁ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ନନ୍ଦକିଶୋର ବିନ୍ଧାଣି, ସମ୍ପାଦକ ପ୍ରଣୟ କୁମାର ଚୌଧୁରୀ, ପ୍ରଦୀପ କୁମାର ପରିଡା, ସର୍ବେଶ୍ୱର ରାଉତ, କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ, ପୂଜା ସମ୍ପାଦକ ରାମଚନ୍ଦ୍ର ବେହେରା, ଅଜିତ କୁମାର ମଲ୍ଲିକ, ନିମନ୍ତ୍ରିତ ଅତିଥି ଉପଦେଷ୍ଟା ଭାବେ ବିଧାୟକ ଉଦଳା, ଗିରିଶ ଚନ୍ଦ୍ର ସାଏ, ପ୍ରଫୁଲ୍ଲ କୁମାର ବରାଳ, ପ୍ରଭାକର ବେହେରା, ପ୍ରଶାନ୍ତ କୁମାର ପଣ୍ଡା, ମଧୁସୂଦନ ହାତୀ, ବ୍ରହ୍ମାନନ୍ଦ ନାୟକ, ଗିରିଶ ମହାନ୍ତି, ଧୀରେନ୍ଦ୍ର ବିଶ୍ୱାଳ, ରୁଦ୍ରନାରାୟଣ ପଲତା, ଟେଣ୍ଡର କମିଟିର ଆପଦ ରଞ୍ଜନ ରାଉତ, ସୀମାନ୍ତ ତ୍ରିପାଠୀ, କାହ୍ନୁଚରଣ ପରିଡା, ଅନିଲ ମହାପାତ୍ର, ପ୍ରମୋଦ କୁମାର ପରିଡା, ଜୟନ୍ତ ପରିଡା, ବିଶ୍ୱରଞ୍ଜନ ମୋଦି, ଜିତେନ୍ଦ୍ର ସେନାପତି, ରଜତ ବିଶ୍ୱାଳଙ୍କୁ ଚୟନ କରାଯାଇଥିଲା ।

- ବିଶ୍ୱ ହସ୍ତୀ ଦିବସ ପାଳିତ

# 'ସଚେତନତା ଦ୍ୱାରା ହାତୀଙ୍କ ସୁରକ୍ଷା ସମ୍ଭବ'



ହସ୍ତୀ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାରିପଦା ଅଫିସ,୧୨।୮-

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ପକ୍ଷରୁ ସୋମବାର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇ ଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟଂ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପିସିସିଏଫ ସରୋଜ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ବନ ଅଧିକାରୀ ଜିତଶତ୍ରୁ ମହାନ୍ତି, ରଜନୀକାନ୍ତ ଜେନା, ସୁଲୋପାନି ଶତପଥୀ, ଧନଞ୍ଜୟ ରାଉତ, ଦିଲୀପ କୁମାର ବାରିକ ପ୍ରମୁଖ ଯୋଗଦେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ହେଲେ ହାତୀର ସୁରକ୍ଷା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାରିପଦା ବନଖଣ୍ଡ ଅଧୀନ ବିଭିନ୍ନ ଗ୍ରାମ୍ୟ ସୁରକ୍ଷା ସମିତିର କର୍ମକର୍ତ୍ତାମାନଙ୍କୁ ହାତୀର ସୁରକ୍ଷା ପାଇଁ କ'ଣ କ'ଣ ପଦକ୍ଷେପ ନେବାକୁ ହେବ ସେ ନେଇ ବନ ଅଧିକାରୀମାନେ ସୂଚନା ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଉଦଳା ବଣିକ ସଂଘର ପରିଚାଳନା ପରିଷଦ ବୈଠକ


ବୈଠକରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତାବୃନ୍ଦ।

ଉଦଳା,୧୨।୮(ଡି.ଏନ୍.ଏ.)

ଉଦଳା ବଣିକ ସଂଘର ପରିଚାଳନା ପରିଷଦ ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ସଭାପତି ରବୀନ୍ଦ୍ର ପରିଡା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ଖଣ୍ଡେଲୱାଲ୍ ୨୦୧୮-୧୯ ଆର୍ଥିକ ବର୍ଷର ଆୟବ୍ୟୟ ହିସାବ ଏବଂ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଆସନ୍ତା ସେପ୍ଟେମ୍ବର ୮ ତାରିଖରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ଖଣ୍ଡେଲୱାଲ ସୂଚନା ଦେଇଛନ୍ତି। ଉଦଳା ସହରାଞ୍ଚଳରେ ଏନଏସି ପକ୍ଷରୁ ନିର୍ମାଣାଧୀନ ଦୋକାନଗୃହ ବଣ୍ଟନ କରା ନ ଯାଇ ବର୍ଷ ବର୍ଷ ଧରି ଏହା ବନ୍ଦ ହୋଇ ପଡିରହିଛି। ଫଳରେ ବହୁ ବେକାରି ଯୁବତୀ ଯୁବକ ରୋଜଗାରକ୍ଷମ ହୋଇ ପାରୁନାହାନ୍ତି। ଏଥିନେଇ ଉପସ୍ଥିତ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଖୁବଶୀଘ୍ର ଦୋକାନ ଗୃହଗୁଡିକୁ ବଣ୍ଟନ କରିବା ପାଇଁ ସଂଘର ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନକୁ ଭେଟିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗଣେଶ୍ୱର ବାରିକ, ସହ ସମ୍ପାଦକ କିଶୋର ବେହେରା, କୋଷଧ୍ୟକ୍ଷ ମୃଗାଙ୍କ ମହାନ୍ତି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଭାବେ ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା, ପ୍ରହ୍ଲାଦ ଦାସ, ଲକ୍ଷ୍ମଣ କୁମାର ନାୟକ, ସନ୍ଦୀପ ମହାନ୍ତି ଓ କାର୍ତ୍ତିକ ତ୍ରିପାଠୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲାସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟ

ବାରିପଦା ଅଫିସ,୧୨।୮-

ମୟୂରଭଞ୍ଜ ଜିଲା ବାରିପଦାଠାରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ୬୪ଟି ଟିମ୍ ସାମିଲ ହୋଇଥିଲେ। ଫାଇନାଲରେ ବାରିପଦା ମଧୁବନର ବିଜୟ ସାହୁ ଏବଂ ସଦାନନ୍ଦ ସିଂ ଚାମ୍ପିୟନ ଏବଂ ଚନ୍ଦନ ଓ ବାବୁ ରନର୍ସଅପ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସବୁଜ ସୁନ୍ଦର ବାରିପଦାର ଆବାହକ ଜିତେନ୍ଦ୍ର ମହାନ୍ତି ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୮ ହଜାର ଓ ରନର୍ସଅପ ଟିମ୍‌କୁ ୬ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସଭାପତି ବିଶ୍ୱରଞ୍ଜନ ଭଞ୍ଜଦେଓ, ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାପାତ୍ର, ଅମିତ ରାୟ, ଜଗତ ନାରାୟଣ ଜିତ, ନିତେଶ ଶାହା, ସୌମରଞ୍ଜନ ଭଞ୍ଜଦେଓ, ଆକାଶ ପରିଡା, ବିଚିତ୍ର ନାରାୟଣ ଭଞ୍ଜଦେଓ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

### ଇଦ୍-ଉଲ୍-ଜୁହା ପାଳିତ

ରାଇରଙ୍ଗପୁର,୧୨।୮(ଡି.ଏନ୍.ଏ.)

ରାଇରଙ୍ଗପୁର ସହରାଞ୍ଚଳ ସମେତ ଆଖପାଖ ପୁରପଲ୍ଲୀରେ ସୋମବାର ମୁସଲମାନ ସଂପ୍ରଦାୟ ପକ୍ଷରୁ ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି। ସହରର ଠାକୁରାଣୀବେଡା, ଭାଲୁବସା, ନାଗରଣ ସମେତ ଗ୍ରାମାଞ୍ଚଳର ବାଦାମପାହାଡ଼, କୁସୁମୀ, ଦେଓଗାଁ, ଲୁହାକାନୀ, ଗମ୍ଭାରିଆ ଓ ଦୁହୁ ଆଦି ଅଞ୍ଚଳରେ ଥିବା ମସ୍‌ଜିଦରେ ନମାଜପାଠ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ରାଜସ୍ୱ ମନ୍ତ୍ରୀଙ୍କୁ ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର ଦାବିପତ୍ର

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ଜିଲା ବାରିପଦା ପୌରାଞ୍ଚଳ ପଟ୍ଟା ବିହୀନ ବାସିନ୍ଦା ସଂଘ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛି। ସଂଘର ଏକ ୩ ଜଣିଆ ପ୍ରତିନିଧି ଦଳ ମନ୍ତ୍ରୀ ମାରାଣ୍ଡିଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସଂଘର ସଭାପତି ନନ୍ଦ କୁମାର ମହାପାତ୍ର, ସାଧାରଣ ସମ୍ପାଦକ କାହ୍ନୁ ଚରଣ ବେହେରା ଓ ଉପାଦେଷ୍ଟା ପ୍ରଧାପକ ଗୋପବନ୍ଧୁ ପ୍ରମୁଖ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିବା ଦାବିଗୁଡିକ ମଧ୍ୟରେ ବାରିପଦା ସହରର ସଂଖ୍ୟାଧିକ ବସ୍ତି ବାସିନ୍ଦା ଯେଉଁ ଜାଗାରେ ଘର କରି ବସବାସ କରୁଛନ୍ତି, ତାହା ସାବକ ଖାତାରେ ଗ୍ରାମ୍ୟ ଜଙ୍ଗଲ କିସମ ଭାବେ ଉଲ୍ଲେଖ ରହିଛି। ଏଣୁ ପ୍ରଶାସନିକ ଅଧିକାରୀମାନେ ଆଳ ଦେଖାଇ ଜମି ଅଧିକାର ପ୍ରମାଣପତ୍ର ଦେଉ ନାହାନ୍ତି। ଏ ଦିଗରେ ରାଜସ୍ୱ ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିବା ସହ ସଂଘର ବିଭିନ୍ନ ଅସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ।


ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସଂକ୍ଷେପରେ**

## ମଠରେ ଝୁଲଣଯାତ୍ରା



**ବାହାନଗା, ୧୨।୮ (ଡି.ଏନ.ଏ.):** ବାହାନଗା ବ୍ଲକ ଖନ୍ତାପଡାଠାରେ ଥିବା ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ରାଧାମାଧବ ଗୌଡୀୟ ମଠରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ଶ୍ରାବଣ ପୂର୍ଣ୍ଣିମା ୧୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାଦ୍ରବ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ତଥା ୨ତାରିଖ ପର୍ଯ୍ୟନ୍ତ ଜନ୍ମାଷ୍ଟମୀ ପାଳନ କରାଯିବା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗତ ରବିବାରଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ମଠରେ ପ୍ରତ୍ୟହ ଶ୍ରୀକୃଷ୍ଣ କଥାମୃତ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମର ପ୍ରବକ୍ତା ଭାବେ ନୀଳମଣି ମହାରାଜ ପ୍ରବଚନ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ସହଯୋଗୀ ଭାବେ ବ୍ରଜନନ୍ଦନ ଦାସ ବ୍ରହ୍ମଚାରୀ ସମେତ ଖନ୍ତାପଡା ଗ୍ରାମବାସୀଙ୍କ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତେବେ ମଠରେ ଗତ ରବିବାରଠାରୁ ଶ୍ରୀକୃଷ୍ଣଙ୍କ ଝୁଲଣ ଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହେଉଛି।

## ବାଲକେଶ୍ୱର ପୀଠରେ ଜଳାଭିଷେକ

**ରୂପ୍‌ସା, ୧୨।୮ (ଡି.ଏନ.ଏ.):** ରୂପ୍‌ସା ଥାନା ରାଉତପଡ଼ା ବାବା ବାଲକେଶ୍ୱର ନାଥ ପାତାଳି ମହାଦେବ ମନ୍ଦିରରେ ସୋମବାର ଜଳାଭିଷେକ ହୋଇଛି। ଆଖପାଖ ଅଞ୍ଚଳର ମହିଳା, ପୁରୁଷ ଓ କୁନି କାଉଡ଼ିଆ ରବିବାର ସନ୍ଧ୍ୟାରେ ରାଜଘାଟସ୍ଥିତ ନଦୀକୁ ଜଳ ଆଣିବା ପାଇଁ ଯାଇଥିଲେ। ରାତିରେ ସେଠାରୁ ଜଳ ଆଣି ରାଜପଥରେ ଚାଲି ଚାଲି ୨୨କି.ମି. ଆସିଥିଲେ। ସକାଳେ ମନ୍ଦିରରେ ପହଞ୍ଚି ବାବାଙ୍କ ପୀଠରେ ଜଳାଭିଷେକ କରିଥିଲେ। ମନ୍ଦିର ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ମହାଦେବ ପରିଚାଳନା କମିଟି କର୍ମକର୍ତ୍ତା ମାନସ ମିଶ୍ର, ହରେକୃଷ୍ଣ ଦାସ, କାର୍ତ୍ତିକ ଦାସ, ବିଜୟ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୋଲବମ ଭକ୍ତ ସୁଦର୍ଶନ ଦାସ, ଅଭିମନ୍ୟୁ ଚଣ୍ଡ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ୫ଶହରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳାଭିଷେକ ଉତ୍ସବରେ ସାମିଲ ହୋଇଥିଲେ।

## ସୋରରେ ଇଦ୍-ଉଲ -ଜୁହା

**ସୋର, ୧୨।୮ (ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅଧୀନ ଇଦ୍‌ଘା ପଡିଆରେ ମୁସଲମାନ ଭାଇମାନେ ଇଦ୍-ଉଲ- ଜୁହା ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିଛନ୍ତି। ଶତାଧିକ ମୁସଲମାନ ଭାଇ ସମୂହ ନମାଜ ପାଠ କରି ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ସମସ୍ତ ମସ୍‌ଜିଦ୍‌ରେ ନମାଜପାଠ କରାଯାଇଥିଲା। ରାଧାନାଥ ପଡିଆ ନିକଟସ୍ଥ ଅହମଦିଆ ସମ୍ପ୍ରଦାୟ ମସ୍‌ଜିଦ୍‌ରେ ନମାଜପାଠ କରାଯାଇଥିଲା। ସନ୍ଧ୍ୟାରେ ସମସ୍ତ ମସ୍‌ଜିଦ୍ ରଙ୍ଗୀନ ଆଲୋକମାଳାରେ ଝଲସୁଥିବା ଦେଖାଯାଇଛି। ରାତିରେ ପଠାଣମହଲା, କାଜି ମହଲା, ପାରମହଲା ଆଦି ବସ୍ତିରୁ ଆଖଡା ବାହାରିବା ପ୍ରଶାସନ ଓ ପୋଲିସ ଉପସ୍ଥିତରେ ଏହି ପର୍ବ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି।

## ପ୍ରାଥମିକ ଶିକ୍ଷକ ସଂଘ ସଂଗ୍ରାମ ଜାରି ରଖିବ

**ଭୋଗରାଇ, ୧୨।୮ (ଡି.ଏନ.ଏ.):** ପ୍ରାଥମିକ ଶିକ୍ଷା ବିନା ମନୁଷ୍ୟ ଜୀବନ ବୃଥା ଓ ନୈରାଶ୍ୟଜନକ ହୁଏ। ଶିକ୍ଷକମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଥି ନିମନ୍ତେ ମିଳିତ ଭାବେ ଶିକ୍ଷକ ସମାଜର ସ୍ୱର ଶାଣିତ କରିବାକୁ ପଡ଼ିବ ବୋଲି ଭୋଗରାଇ ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ ସଦସ୍ୟା ଓ ସଦସ୍ୟମାନେ ମତପ୍ରକାଶ କରିଛନ୍ତି। ଶିକ୍ଷକ ସଂଘର ସଭାପତି ଅଜିତ୍ କୁମାର ସାମଲ, ଉପସଭାପତି ସତ୍ୟ ନାରାୟଣ ଦତ୍ତ, ଉପସଭାନେତ୍ରୀ ତନ୍ଦ୍ରାରାଣୀ ଭଞ୍ଜ, ସାଧାରଣ ସମ୍ପାଦକ ସୀତାରାମ ପ୍ରଧାନ, ସହସମ୍ପାଦକ ଭାବେ ପ୍ରଶାନ୍ତ ପଣ୍ଡା, ରଞ୍ଜନ ଜେନା, ରାମଚନ୍ଦ୍ର କର, ପଙ୍କଜ ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଅନନ୍ତ ଦାସ ପ୍ରମୁଖ ଶିକ୍ଷକ ସମାଜର ମୌଳିକ ସମସ୍ୟାର ସମାଧାନ ନିମନ୍ତେ ସଂଗ୍ରାମ ଜାରି ରଖିବ ବୋଲି ଅଭିମତ ପ୍ରକାଶ କରିଥିଲେ।

# ରାଜଘାଟକୁ ଷ୍ଟେଶନ ମାନ୍ୟତା ଦାବି

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଡେଭଲପମେଣ୍ଟ କମିଟି କର୍ମକର୍ତ୍ତା

**ରୂପ୍‌ସା, ୧୨।୮ (ଡି.ଏନ.ଏ.)**

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରାଜଘାଟ ପାସେଞ୍ଜର ହଲ୍ଟକୁ ଷ୍ଟେଶନ ମାନ୍ୟତା ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିସହ ଷ୍ଟେଶନର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏଯାବତ୍ ରେଳ ମନ୍ତ୍ରଣାଳୟ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାଜଘାଟ ଷ୍ଟେଶନ ଡେଭେଲପମେଣ୍ଟ କମିଟି ସଭାପତି ଦୀପ୍ତିମାନ ପତି, କର୍ମକର୍ତ୍ତା ଜଗବନ୍ଧୁ ସିଂ, ଖାଡ଼େଶ୍ୱର ପ୍ରଧାନ, ପ୍ରଶାନ୍ତ ପରିଡ଼ା, ପ୍ରତାପ କୁମାର ଜେନା ଓ ଗୋବର୍ଦ୍ଧନ ଜେନା ପ୍ରମୁଖ ସୋମବାର ବାଲେଶ୍ୱର ସର୍କିଟ୍ ହାଉସ୍‌ରେ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ପଦକ୍ଷେପ ଜରୁରୀ ବୋଲି ସେ ଦାବି କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା ପରେ ରାଜଘାଟ ରେଳଷ୍ଟେଶନର ସାମଗ୍ରିକ ବିକାଶ ଦିଗରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ।

ଗମନାଗମନ କ୍ଷେତ୍ରରେ ଏହି ପାସେଞ୍ଜର ହଲ୍ଟ ଗୁରୁତ୍ୱ ବହନ କରିଆସୁଛି। ଏହାକୁ ସମ୍ପୂର୍ଣ୍ଣ ଷ୍ଟେଶନ ମାନ୍ୟତା ପ୍ରଦାନ, ଜଗନ୍ନାଥ, ଉତ୍କଳ ଓ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି, ରିଜର୍ଭେଶନ କାଉଣ୍ଟର ଖୋଲାଯିବା, ସାଲିମାର-ବାରିପଦା-ଶିମିଳିପାଳ ଏକ୍ସପ୍ରେସ ରହଣି, ଅଧିକ ଲୋକାଲ ଟ୍ରେନ୍ ଚଳାଚଳ, ଫୁଟ ଓଭରବ୍ରିଜ୍ ନିର୍ମାଣ ପାଇଁ ୨୦୧୮ ଅକ୍ଟୋବର ୩୦ ତାରିଖରେ ରେଳପଥ ଜିଏମ୍, ଡିଆରଏମ୍, ତତ୍କାଳୀନ ଏମ୍‌ପି, ବିଧାୟକ ଓ ଜିଲାପାଳ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ପ୍ରତିବାଦରେ ନଭେମ୍ବର ୧୯ ତାରିଖରେ ୧୨ଘଣ୍ଟିଆ ରେଳରୋକୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ମାତ୍ର ନଭେମ୍ବର ୧୫ତାରିଖରେ ଜିଲାପାଳଙ୍କ ଚାମ୍ବରରେ ତ୍ରିପାକ୍ଷିକ ଆଲୋଚନା ପରେ ରେଳରୋକୋ ସ୍ଥଗିତ ରଖାଯାଇଥିଲା। ରେଳ ବିଭାଗ ଅଧିକାରୀ ଦାବି ପୂରଣ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭୌଗୋଳିକ ଦୃଷ୍ଟି କୋଣରୁ ଏହି ପାସେଞ୍ଜର ହଲ୍ଟରେ ପ୍ଲାଟଫର୍ମ ପ୍ରାୟ ୧୫ଫୁଟ୍ ଉଚ୍ଚରେ ରହିଛି। ପ୍ରତିମାସ ପ୍ରାୟ ୪ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ବି ଯାତ୍ରୀଙ୍କ ସୁବିଧା ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଅଭିଯୋଗ ହୋଇଛି।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ କମିଟି କର୍ମକର୍ତ୍ତାଙ୍କ ଆଲୋଚନା।

# ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ଯୌତୁକ ପାଇଁ ହତ୍ୟା ଅଭିଯୋଗ

**ଧାମନଗର, ୧୨।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଗୋଡ଼ିପୋଖରୀ ସୟଦଜାଫର ଗ୍ରାମର ରିତାଞ୍ଜଳି ମଳିକ ନାମକ ଜଣେ ନବବିବାହିତା ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ସୋମବାର ଉଦ୍ଧାର କରିଛି। ଯୌତୁକ ପାଇଁ ରିତାଞ୍ଜଳିଙ୍କୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଧୂଷୁରୀ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଯୌତୁକଜନିତ ହତ୍ୟା ମାମଲା(ନଂ.୧୫୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ମୃତା ରିତାଞ୍ଜଳିଙ୍କ ସାନଭାଇ ଆରଡ଼ି ଫାଣ୍ଡି ଅଧୀନ ମୁଁଆ ଗ୍ରାମର ଶାନ୍ତନୁ ଦାସ ଅଭିଯୋଗ କରିଛନ୍ତି ଯେ, ଗତ ମେ ୫ ତାରିଖରେ ରିତାଞ୍ଜଳି ଗୋଡ଼ିପୋଖରୀ ସୟଦଜାଫର ଗ୍ରାମର ରମେଶ ମଳିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଶାଶୁଘର ଲୋକେ ରିତାଞ୍ଜଳିଙ୍କୁ ଅଧିକ ଯୌତୁକ ପାଇଁ ନିର୍ଯାତନା ଦେଇଆସୁଥିଲେ। ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ସେ ଦର୍ଶାଇଛନ୍ତି। ଅପରପକ୍ଷେ ରବିବାର ରାତିରେ ଶୋଇବା ଘର ଫ୍ୟାନରେ ରିତାଞ୍ଜଳିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିବା ଶାଶୁଘର ଲୋକେ କହିଛନ୍ତି। ପୋଲିସ ସୋମବାର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ରିତାଞ୍ଜଳିଙ୍କ ବାପା ବାହାରେ ରହୁଥିବାରୁ ତାଙ୍କ ସାନଭାଇ ଥାନାରେ ଅଭିଯୋଗ କରିଛନ୍ତି। ମୃତା ରିତାଞ୍ଜଳିଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।

# ଶିକ୍ଷକ ପ୍ରବେଶିକା ପରୀକ୍ଷା ପାଇଁ ମିଳୁନି ଅନୁମତି

**ଅଭିଯୋଗ କଲେ ଛାତ୍ରୀଛାତ୍ର**

**ବାଲେଶ୍ୱର ଅଫିସ, ୧୨।୮**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବାରିପଦା ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ ଇଣ୍ଟିଗ୍ରେଟେଡ଼ ବିଇଡ଼ି-ଏମ୍‌ଇଡ଼ି ଛାତ୍ରୀଛାତ୍ରମାନେ ମିଳିତ ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବାଲେଶ୍ୱର ସର୍କିଟ୍ ହାଉସ୍‌ରେ ସୋମବାର ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟର କୌଣସି ଶିକ୍ଷକ ପ୍ରବେଶିକା ପରୀକ୍ଷା ପାଇଁ ଫକୀରମୋହନ, ଉତ୍ତରଓଡ଼ିଶା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର କଲେଜର ଛାତ୍ରୀଛାତ୍ରମାନେ ସୁଯୋଗ ପାଉନାହାନ୍ତି। ଫଳରେ ଉକ୍ତ ପାଠ୍ୟକ୍ରମ ସେମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏବଂ ନ୍ୟାଶନାଲ କରିକୁଲମ ଅଫ୍ ଟିଚର୍ ଏଜୁକେଶନ୍ (ଏନ୍‌ସିଟିଇ) ଉଭୟଙ୍କ ହସ୍ତକ୍ଷେପ ପରେ ଉକ୍ତ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ଛାତ୍ରୀଛାତ୍ରମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ।

ଯୋଗ୍ୟତା ଥାଇ ମଧ୍ୟ ୪ଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଆଜି ନିରାଶ। ଏନ୍‌ସିଟିଇରୁ ଅନୁମୋଦନ ପାଇଥିବା ଇଣ୍ଟିଗ୍ରେଟେଡ଼ ବିଇଡ଼ି-ଏମ୍‌ଇଡ଼ି ପାଠ୍ୟକ୍ରମକୁ ଓଡ଼ିଶା ସରକାର ୪ଟି ବିଶ୍ୱବିଦ୍ୟାଳୟରେ ଆରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ଉଭୟ ବିଇଡ଼ି ଓ ଏମ୍‌ଇଡ଼ି ଯୋଗ୍ୟତା ଥାଇ ମଧ୍ୟ ପ୍ରବେଶିକା ପରୀକ୍ଷା ପାଇଁ ସୁଯୋଗ ପାଉ ନାହାନ୍ତି। ସେହି ସମାନ ପାଠ୍ୟକ୍ରମ କରି ଭୋପାଳର ଛାତ୍ରୀଛାତ୍ର ଠିକ୍ ଭାବେ ସୁବିଧା ପାଉଛନ୍ତି। ଏ ବିଷୟକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମିଥ୍ୟା ଆଶ୍ୱାସନା ଦେଉଥିବା ବେଳେ ବିଭାଗ ଅଧିକାରୀମାନେ ସମୟ ଗଡ଼େଇ ଚାଲିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ନିଲେଶ କୁମାର ସ୍ୱାଇଁ, ପ୍ରଭୁପଦ ନାୟକ, ଉଜ୍ଜ୍ୱଳ ଜେନା, ମନୋଜ କୁମାର ନାୟକ, ଚତୁର୍ଭୁଜ ବାରିକ, ଜନକ ପ୍ରଧାନ, ଲକ୍ଷ୍ମୀ ନାରାୟଣ ନାୟକ ଓ ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଭକ୍ତହରି ମିଶ୍ର, ରାହୁଲ କୁମାର ନନ୍ଦୀ, ଉଜ୍ଜ୍ୱଳ ସିଂ ନାୟକ, ଦିବ୍ୟସିଂହ ବେହେରା ପ୍ରମୁଖ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କୁ ସାକ୍ଷାତ କରିଥିଲେ। ସମସ୍ୟାର ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିବେ ଓ ନିଜେ ଏନ୍‌ସିଟିଇର ଅଧିକାରୀଙ୍କ ସହ କଥା ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୫ ବାଲି ବୋଝେଇ ଡମ୍ପର ସହ ଏକ ଟ୍ରାକ୍ଟର ଜବତ

**ଜଳେଶ୍ୱର, ୧୨।୮**

ଜଳେଶ୍ୱର ବ୍ଲକ ଶିଖରପୁର ବାଲିଖାଦାନରୁ ବାରମ୍ବାର ବେଆଇନ ବାଲି ଚାଲାଣ ହେଉଥିବାରୁ ଗ୍ରାମବାସୀ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେଣୁ ତାଙ୍କର ନିର୍ଦ୍ଦେଶକ୍ରମେ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ୬୦ନଂ. ଜାତୀୟ ରାଜପଥ ଚାଳନ୍ତି ନିକଟରେ ଯାଞ୍ଚ କରି ୫ଟି ବାଲି ବୋଝେଇ ଡମ୍ପର ସହ ଏକ ଟ୍ରାକ୍ଟର ଅଟକାଇଥିଲେ। ତାର କାଗଜପତ୍ର ଯାଞ୍ଚ କରି କୌଣସି କାଗଜପତ୍ର ନ ପାଇ ଗାଡ଼ିଗୁଡିକୁ ଜବତ କରିଥିଲେ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ତେବେ ଜବତ ଗାଡ଼ିମାନଙ୍କଠାରୁ ଜରିମାନା ଆଦାୟ କରି ଗାଡ଼ିଗୁଡ଼ିକୁ ଛଡ଼ାଯିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

# ୧୬ରେ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ

**ବାଲେଶ୍ୱର ଅଫିସ, ୧୨।୮**

- ଜିଲାର ୪୦ କଲେଜ ବନ୍ଦ
- ସାମିଲ ହେବେ ୫ଶହ ଅଧ୍ୟାପକ, ୨ଶହ କର୍ମଚାରୀ

ନିଖିଳ ଓଡ଼ିଶା ୬୬୨ ବେସରକାରୀ, ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୧୬ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ମିଳିତ ମଞ୍ଚର ଡାକରାକୁ ସମର୍ଥନ କରି ୬୬୨ବର୍ଗ କଲେଜ ସଂଘର କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ। ଏନେଇ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ସଭାପତି ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଓଷ୍ଟା କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାର ୪୦ ମହାବିଦ୍ୟାଳୟରେ ୫ଶହରୁ ଊର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ ଓ ୨ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଛୁଟିରେ ରହି ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘର ଜିଲା ସମ୍ପାଦକ ଜୟନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ବୈଠକରେ ଅଧ୍ୟାପକ ଡ. ଉମାକାନ୍ତ ଜେନା, ଅନୁଜ କୁମାର ଦାସ, ଦେବେନ୍ଦ୍ର ଦାସ, ସତ୍ୟ ନାରାୟଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପଦ୍ମଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଭାଜପାର ସଦସ୍ୟତା ଅଭିଯାନରେ ଉପସ୍ଥିତ ନେତା ଓ କର୍ମୀ।

## ଭାଜପାର ସଦସ୍ୟତା ଅଭିଯାନ

**ବାଲିଆପାଳ, ୧୨।୮ (ସ୍ୱ.ପ୍ର.):** ବାଲିଆପାଳ ବ୍ଲକର କୁଣ୍ଡୁଳୀ ପଞ୍ଚାତର ଶଂଖୁଆଠାରେ ଭାଜପା ପକ୍ଷରୁ ନୂତନ ସଦସ୍ୟ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ମାନସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷକମୋର୍ଚ୍ଚାର ଜିଲାସଭାପତି ମହେନ୍ଦ୍ର ଦାସ, ବରିଷ୍ଠ ନେତା ଶୁଭଙ୍କର ମହାପାତ୍ର, ବ୍ଲକ ସଭାପତି ଅଦୈତ୍ୟ ବାଗ, ସୁବଳଚନ୍ଦ୍ର ଦାସ, ଅଭିରାମ ମହାଳିକ, ରତ୍ନାକର କୁହ୍ଲାରୀ, ରାମକୃଷ୍ଣ ଶୁକ୍ଳା, ନିରଞ୍ଜନ ରାଉତ, ଶିବାନନ୍ଦ ଦାସ ପ୍ରମୁଖ ଯୋଗଦେଇ ଭାଜପାର ନୀତି ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ହେଉଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଦଳରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ବହୁ ଲୋକେ ଦଳର ସଦସ୍ୟତା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ବେହେରା ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ଚାରାରୋପଣ

**ବାହାନଗା, ୧୨।୮ (ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ବାଜିପୁରସ୍ଥିତ ଗାୟତ୍ରୀ ଶକ୍ତିପୀଠ ତରଫରୁ ଗତ ରବିବାର ପାଇକାସ୍ତା ହନୁମାନ ପଡିଆରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାୟତ୍ରୀ ଶକ୍ତିପୀଠର ମ୍ୟାନେଜିଂ ଟ୍ରଷ୍ଟି ରେବତୀବାଳା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗାୟତ୍ରୀ ପରିବାରର ଭଉଣୀଭାଇମାନେ ଓ ପାଇକାସ୍ତା ଗ୍ରାମର ବାସିନ୍ଦାଙ୍କ ସହଯୋଗରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା। ବୃକ୍ଷରୋପଣ ପରେ ଗ୍ରାମବାସୀଙ୍କ ତରଫରୁ ଗଛର ସୁରକ୍ଷା କରିବା ନିମନ୍ତେ ସଙ୍କଳ୍ପ ନିଆଯାଇଥିଲା। ଏହାପରେ ଗାୟତ୍ରୀ ପରିବାରର ସଦସ୍ୟା ସଦସ୍ୟମାନେ ସଫେଇ କାର୍ଯ୍ୟ କରିଥିଲେ। ଅଜୟ କୁମାର ପଣ୍ଡା, ମନ୍ମଥ ପାଢୀ, ପ୍ରଦୀପ ମଣ୍ଡଳ, ପ୍ରଫୁଲ୍ଲ ରଣା, ଚିତ୍ତରଞ୍ଜନ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**■ ମଧ୍ୟାହ୍ନଭୋଜନରେ ମଲା ମୂଷା ବାହାରିବା ଘଟଣା**

# ଡାକ୍ତରଖାନାରେ ଅଭିଭାବକଙ୍କୁ ମାଡ଼ ଅଭିଯୋଗ

**ତିହିଡ଼ି, ୧୨।୮ (ଡି.ଏନ.ଏ.)**

- ଗାଁରେ ପରିଚାଳନା କମିଟି ସଦସ୍ୟ ଅକ୍ରୋଶର ଶିକାର
- ଥାନାରେ ପୃଥକ୍ ୨ ମାମଲା

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚାରିତରଫ ଉନ୍ନୀତ ମଧ୍ୟଇଂରାଜୀ ସ୍କୁଲରେ ମଧ୍ୟାହ୍ନଭୋଜନରେ ମଲା ମୂଷା ବାହାରିବା ଘଟଣାକୁ ନେଇ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକଙ୍କ ମଧ୍ୟରେ ବିବାଦ ଉପୁଜିଛି। ଏ ନେଇ ଅଭିଯୋଗ ହେବା ପରେ ତିହିଡ଼ି ଥାନାରେ ପୋଲିସ ୨ଟି ପୃଥକ୍ ମାମଲା (ନଂ.୩୬୨/୧୯ ଓ ୩୬୩/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୮ ତାରିଖରେ ସ୍କୁଲର ମଧ୍ୟାହ୍ନଭୋଜନରେ ମଲା ମୂଷା ବାହାରିଥିଲା। ପରଦିନ ସ୍କୁଲର ଜଣେ ଶିକ୍ଷକଙ୍କ ସହିତ ପରିଚାଳନା କମିଟି ସଦସ୍ୟ ମହେଶ୍ୱର ପଣ୍ଡା ଅସୁସ୍ଥ ୧୯ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାକୁ ନେଇଯାଇଥିଲେ। ସଞ୍ଜୟ ସ୍ୱାଇଁ ନାମକ ଜଣେ ଅଭିଭାବକ ଡାକ୍ତରଖାନାରେ ପହଞ୍ଚି ଅଭିଭାବକମାନଙ୍କୁ ନ ପଚାରି କାହିଁକି ପିଲାମାନଙ୍କୁ ଏଠାକୁ ଅଣାଯାଇଛି ବୋଲି ମହେଶ୍ୱରଙ୍କୁ ପଚାରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ମହେଶ୍ୱର ଏବଂ ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ମାଡ଼ ମାରିବା ସହ ବିଭିନ୍ନ ଧମକ ଦେଇଥିବା ସଞ୍ଜୟ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଚିକିତ୍ସା ପରେ ପିଲାମାନଙ୍କୁ ନେଇ ଗାଁରେ ପହଞ୍ଚିବା ପରେ କେତେକ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିବା ମହେଶ୍ୱର ଅଭିଯୋଗ କରିଛନ୍ତି।

## ବଜ୍ରପାତରେ ଅବସରପ୍ରାପ୍ତ ଶିକ୍ଷକ ମୃତ

**ସୋର, ୧୨।୮ (ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଥାଳା ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତ ହୋଇ ଲକ୍ଷ୍ମଣ ପ୍ରସାଦ ବେହୋରା(୭୦) ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମଣ ପ୍ରସାଦ ବିଲରେ ତଳି ରୁଆ କାମ ଦେଖିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ସେ ସେଠାରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

**ସିମୁଳିଆ, ୧୨।୮ (ଡି.ଏନ.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ବାଲେଶ୍ୱର ମୁଖ୍ୟସେବା କେନ୍ଦ୍ର ଓ ମାର୍କୋଣା ସବସେଣ୍ଟର ମିଳିତ ସହଯୋଗରେ ସିମୁଳିଆ ବ୍ଲକର ମାର୍କୋଣା ଷ୍ଟେଶନ ବଜାରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବାଲେଶ୍ୱର କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ପ୍ରମିଳା ଭଉଣୀଭାଇମାନଙ୍କ ଉଦ୍ଦେଶ୍ୟରେ ସ୍ୱପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନ ସମ୍ଭବ ବୋଲି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସେ ଉପସ୍ଥିତ ଭଉଣୀ ଭାଇମାନଙ୍କୁ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କୋଣା ସବସେଣ୍ଟରର ସଞ୍ଚାଳିକା ବବିତା ଭଉଣୀ, ସବିତା ଭଉଣୀ, ଅଲିଭା ଭଉଣୀ, ମୀନା ଭଉଣୀ, ବାପୀ ଭଉଣୀ, ଶୀତଳ ଭଉଣୀ, ମୀନତି ଭଉଣୀ ପ୍ରମୁଖ ଥିଲେ। ଉପସ୍ଥିତ ପ୍ରତ୍ୟେକ ଭଉଣୀ ଭାଇଙ୍କ ହାତରେ ରକ୍ଷାବନ୍ଧନ କରାଯାଇଥିଲା। ପ୍ରସାଦ ସେବନ ଉତ୍ସବରେ ସମସ୍ତେ ଯୋଗ ଦେଇଥିଲେ।



ପ୍ରଜାପିତା ବ୍ରହ୍ମାକୁମାରୀ ପ୍ରମିଳା ଭଉଣୀଭାଇମାନଙ୍କୁ ରାଖୀ ବାନ୍ଧୁଛନ୍ତି।

**■ 'ଇଣ୍ଡିଆ ହେରିଟେଜ କୁଇଜ'**

# ଶିବେଶ, ତନିଶା ରାଜ୍ୟସ୍ତରକୁ ଉନ୍ନୀତ

**ବାଲେଶ୍ୱର ଅଫିସ, ୧୨।୮**

ବାଲେଶ୍ୱର ଇନ୍‌ଟାକ୍ ଚାପ୍ଟରର ବିଦ୍ୟାଳୟସ୍ତରୀୟ 'ଇଣ୍ଡିଆ ହେରିଟେଜ କୁଇଜ-୨୦୧୯' ପବ୍ଲିକ ନୋଡ଼ାଲ ଉଚ୍ଚବିଦ୍ୟାଳୟଠାରେ ଆୟୋଜନ ହୋଇଛି। ପ୍ରତିଯୋଗିତାରେ ସହରର ୧୨ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ମୋଟ ୫୩ଟି ଟିମ୍‌ର ୧୦୬ ପ୍ରତିଯୋଗୀ ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଶ୍ରେଷ୍ଠ ୬ଟି ଟିମ୍‌କୁ ମୌଖିକ କୁଇଜ୍‌କୁ ନିଆଯାଇଥିଲା। ବିଜେତା ୩ଟି ଟିମ୍‌କୁ ଆସନ୍ତା ୫ ସେପ୍ଟେମ୍ବର ଇନ୍‌ଟାକ୍‌ର ପ୍ରତିଷ୍ଠା ଦିବସ ଉତ୍ସବରେ ପୁରସ୍କୃତ କରାଯିବାର ସ୍ଥିର ହୋଇଛି। ପ୍ରଥମ ବିଜେତା ସେଣ୍ଟ ଜାଭିଆର୍ସ ସିନିଅର ସେକେଣ୍ଡାରୀ ବିଦ୍ୟାଳୟର ଶିବେସ ନାୟକ ଏବଂ ତନିଶା ମହାନ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି।

ପ୍ରାରମ୍ଭରେ ଇନ୍‌ଟାକ୍‌ର ଆବାହକ ହିମାଂଶୁ ଦାସ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଭାଷଣ ଦେଇ ପରମ୍ପରା ରକ୍ଷଣ ନିମନ୍ତେ ସେମାନଙ୍କର ଦାୟିତ୍ୱ ବିଷୟରେ ସଚେତନ କରାଇଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉଦାହରଣ ସହ ଇନ୍‌ଟାକ୍‌ର କାର୍ଯ୍ୟାବଳୀ ବିଷୟରେ ଅବଗତ କରାଇଥିଲେ। ଯୁଗ୍ମ ଆବାହକ ଉଦୟ ରଞ୍ଜନ ଦାସ ପ୍ରତିଯୋଗିତାର ନିୟମାବଳୀ ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିଲେ। ମୌଖିକ କୁଇଜ ବାଲେଶ୍ୱରର ପ୍ରଖ୍ୟାତ କୁଇଜ ମାଷ୍ଟର ଭି. ଉଦୟ କୁମାର ପରିଚାଳନା କରିଥିଲେ। ସଭ୍ୟ ଭାବଗ୍ରାହୀ ମହାନ୍ତି, ଅର୍ଚ୍ଚନା ନନ୍ଦୀ, ସତ୍ୟନାରାୟଣ ନନ୍ଦ, ଯଶୋଦା ନନ୍ଦନ ଆଶ୍, ବିଶ୍ୱନାଥ ରଣା, ସପନ କୁମାର ମହାପାତ୍ର, ହରେନ ରଣା, ନିକୁଞ୍ଜ ବିହାରୀ ଦାସ, ଅଖିଳ କୁମାର ଦାସ, ଦେବାଶିଷ ଚକ୍ରବର୍ତ୍ତୀ ଲିଖିତ ଖାତାମାନଙ୍କର ମୂଲ୍ୟାଙ୍କନ ଏବଂ ପ୍ରତିଯୋଗିତା ପରିଚାଳନାରେ ସହାୟତା କରିଥିଲେ। ପବ୍ଲିକ ନୋଡ଼ାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁ ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବାଶିଷ କର, ଅମୂଲ୍ୟ କୁମାର ରାଉତ ଓ ସହକାରୀ ମହେନ୍ଦ୍ର ଲେଙ୍କା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।




କୁଇଜ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ସଂକ୍ଷେପରେ**

## ୧୩୬ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ

ଚମ୍ପୁଆ,୧୨।୮(ଡି.ଏନ.ଏ)- ସରକାରଙ୍କ ପକ୍ଷରୁ ଶିକ୍ଷକ ମାନଙ୍କ ସାର୍ଟିଫିକେଟ ଯାଞ୍ଚ ନିର୍ଦ୍ଦେଶ ପରେ ଚମ୍ପୁଆ ବ୍ଲକର ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିବା ବ୍ଲକ ଶିକ୍ଷାଅଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକର ୨୦୦ ଶିକ୍ଷକ ଆଫିଡେଭିଟ ଦେବା ପରେ ୧୩୬ ଜଣ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିବା ବେଳେ ଅନ୍ୟ ଶିକ୍ଷକ ଓଟିଇଟି ପରୀକ୍ଷା ଦେବାକୁ ଯାଇଥିବାରୁ ଯାଞ୍ଚ ହୋଇପାରି ନାହିଁ। ଶିକ୍ଷକ ମାନଙ୍କ ସମସ୍ତ ପ୍ରମାଣ ପତ୍ର ଆଦି ଯାଞ୍ଚ କରାଯାଇ ଡାଇରେକ୍ଟର ଅଫିସକୁ ପଠାଯାଇଥିବା ବ୍ଲକ ଶିକ୍ଷାଧିକାରୀ କହିଛନ୍ତି। ଡିପିସି ପୂର୍ଣ୍ଣ ଚନ୍ଦ୍ର ସେଠୀ, ବିଇଓ ଗୋବର୍ଦ୍ଧନ ନାଏକ, ଏବିଇଓ ଝୁମ୍ପୁରା, ଡି.ଏନ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୁଖ ଏହି ଯାଞ୍ଚ ସାମିଲ ହୋଇଥିଲେ।

ବାଟୋଇଙ୍କଠାରୁ ବାଇକ୍ ଲୁଟ୍ ଘଟଣା

## ୨ ଅଟକ, କାଗଜପତ୍ର ଜବତ

ଢେଙ୍କିକୋଟ, ୧୨।୮(ଡି.ଏନ୍.ଏ.)- ଗତ ଶନିବାର ଗୋପୀନାଥପୁର ବାରାହାଟିପୁରା ରାସ୍ତା ବାଲିପୋଖରୀ ଗ୍ରାମପଞ୍ଚାୟତ ଛୋଟରାୟପୁର ଗ୍ରାମ ନିକଟରୁ ୪ଜଣ ଶିକ୍ଷକଙ୍କୁ ଅଟକାଇ ୫ଜଣ ଦୁର୍ବୃତ୍ତ ପିସ୍ତଲ, ଭୁଜାଲି ଦେଖାଇ ଭୟଭୀତ କରି ଏକ ବାଇକ୍ ଏବଂ ଦୁଇଟି ବ୍ୟାଗ୍‌ରେ ଥିବା ସ୍କୁଲର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, ଏପିଆର ପୋଲିସ ଫୋର୍ସ ସମେତ ସଦଳବଳେ ଘଟଣାର ତଦନ୍ତ ଜାରି ରଖିଥିଲେ। ଘଟଗାଁ ପୋଲିସ୍ ଅଚାନକ ଚଢ଼ଉ କରି ଦୁଇଜଣଙ୍କୁ ଅଟକ ରଖି ତାଙ୍କଠାରୁ ବ୍ୟବହୃତ ବାଇକ୍ ଦେଶୀବନ୍ଧୁକ ଏବଂ ଜୀବନ୍ତ ଗୁଳି ଜବତ କରିବାରେ ସକ୍ଷମ ହୋଇଛି। ଶିକ୍ଷକଙ୍କ ବ୍ୟାଗ୍‌ରେ ଥିବା ସ୍କୁଲର ଜରୁରି କାଗଜପତ୍ରକୁ ଜବତ କରାଯାଇଛି। ଅଟକଥିବା ଦୁଇଜଣଙ୍କୁ ପଚରା ଉଚରା କରାଯାଉଛି।

# ବଦଳିବ ଶିଆଡ଼ିମାଳିଆର ରୂପରେଖ

ଆନନ୍ଦପୁର, ୧୨।୮(ସ୍ୱ.ପ୍ର.)


ଅଧିକାରୀମାନେ ଶିଆଡ଼ିମାଳିଆ ଜମିକୁ ଅନୁଧ୍ୟାନ କରୁଛନ୍ତି।

- ଟ୍ରିଟମେଣ୍ଟ ପ୍ଲାଣ୍ଟ ଲାଗି ୪ଏକର ଜାଗା ଚିହ୍ନଟ
- ନୌକାବିହାର ଲାଗି ପ୍ରକଳ୍ପ ଅନୁମୋଦନ

କେନ୍ଦୁଝର ଜିଲା ଆନନ୍ଦପୁର ସହରରେ ଥିବା ଐତିହାସିକ କିମ୍ବଦନ୍ତୀ ଶିଆଡିମାଳିଆର ମା’ ଧନେଇ ଠାକୁରାଣୀଙ୍କ ପାରିପାର୍ଶ୍ୱିକ ସ୍ଥିତି ବଦଳିବାକୁ ଯାଉଛି। ଶିଆଡିମାଳିଆର ୪୦୦ ଏକର ବିଶିଷ୍ଟ ପତିତ ଜମିରୁ ସ୍ଥାନୀୟ ପ୍ରଶାସନ ଦ୍ୱାରା କେତେକାଂଶରେ ଉଦ୍ଧାର କରାଯାଇଛି। ଜବରଦଖଲରେ ରହିଥିବା ଅନ୍ୟ ଜମି ଗୁଡିକ କାଳକ୍ରମେ ଉଦ୍ଧାର କରାଯିବ ବୋଲି ପ୍ରଶାସନିକ ସୂତ୍ରରୁ ଜଣାପଡିଛି। ତେବେ ବଣଜଙ୍ଗଲ ଭରା ଏହି ଐତିହାସିକ ପୀଠ ଧୀରେ ଧୀରେ ତାର ରୂପରେଖ ବଦାଳାଇବା ଆରମ୍ଭ କଲାଣି। ପ୍ରଶାସନିକ ସ୍ତରରେ ଚିହ୍ନଟ ହୋଇଥିବା ୪୦ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ନେଇ ତତ୍ପରତା ଦେଖାଦେଇଛି। ଆନନ୍ଦପୁର ପୌରପରିଷଦ ପକ୍ଷରୁ ଟ୍ରିଟ୍‌ମେଣ୍ଟପ୍ଲାଣ୍ଟ କରାଯିବା ନିମନ୍ତେ ୪ ଏକର ଜାଗା ଚିହ୍ନଟ କରାଯାଇଛି। ଏହି ପ୍ଲାଣ୍ଟରେ ବର୍ଜ୍ୟବସ୍ତୁକୁ ବିନିଯୋଗ କରାଯାଇ ବିଭିନ୍ନ କାର୍ଯ୍ୟରେ ଲଗାଯିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବାକୁ ସ୍ଥିର କରାଯାଇଛି। ସେହିପରି ଓଭରହେଡ୍ ଟ୍ୟାଙ୍କ ପାଇଁ ୪ ଏକର ଜାଗା ଚିହ୍ନଟ, ଓ୍ୱିଣ୍ଡ ପାଓ୍ୱାର୍ ପ୍ଲାଣ୍ଟ ପାଇଁ ୮୦ ମିଟର୍ ଜାଗା ଚିହ୍ନଟ କରାଯାଇଛି। ୩୦ ଏକର ବିଶିଷ୍ଟ ପାଟ୍ଟକୁ ଉଦ୍ଧାର କରାଯାଇ ନୌକା ବିହାର କରାଯିବା ନିମନ୍ତେ ୧ କୋଟି ୪୦ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିଆଡିମାଳିଆରେ କେନ୍ଦ୍ରୀୟ ବିଦ୍ୟାଳୟ। ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଶିଆଡିମାଳିଆର ୮ ଏକର ଜାଗା ଚିହ୍ନଟ କରାଯାଇ ହସ୍ତାନ୍ତର କରାଯାଇଛି। ଜୁଲାଇ ୧୦ ତାରିଖରେ ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକାରୀ ହେବା ପାଇଁ ମୋହର ବି ଲାଗି ସାରିଛି। ଏହା କିଛି ଦିନ ସ୍ଥାନୀୟ ବ୍ରଜବନ୍ଧୁ ବିଦ୍ୟାପୀଠରେ କାର୍ଯ୍ୟକାରୀ କରାଯିବ। ପରେ ଶିଆଡିମାଳିଆରେ ନୂତନ ଗୃହ ହେଲେ ସେଠାକୁ ସ୍ଥାନାନ୍ତର କରାଯିବ। ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ଶାଆଡିମାଳିଆ ଐତିହାସିକ ପୀଠରେ ସରକାରୀ ସ୍ତରରେ ବିଭିନ୍ନ ଅନଷ୍ଠାନ ଅବସ୍ଥାନ ହେବା ଘଟଣାକୁ ନେଇ ଆନନ୍ଦପୁର ଜନସାଧାରଣଙ୍କ ମହଲରେ ଖୁସି ପ୍ରକାଶ ପାଇଛି।

## ନିଶାଦେଇ ଯୁବକଙ୍କୁ ଲୁଟ

ପାଟଣା, ୧୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମର ରତିକାନ୍ତ ମହାନ୍ତ(୩୫) ଆନ୍ଧ୍ରରୁ ଘରକୁ ଟ୍ରେନରେ ଫେରୁଥିବା ବେଳେ ରବିବାର ଭୁବନେଶ୍ୱରରେ ଲୁଟର ଶିକାର ହୋଇଛନ୍ତି। ଶନିବାର ସେ ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ଘରକୁ ଫେରୁଥିବା ସୂଚନା ଦେଇଥିଲେ। ରବିବାର ଭୁବନେଶ୍ୱରର ସତ୍ୟ ନଗର ନିକଟସ୍ଥ ଏକ ଆପାରମେଣ୍ଟ ପଛ ପାର୍ଶ୍ୱରୁ ରତିକାନ୍ତଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଭୁବନେଶ୍ୱରର ଜଣେ ଖବରଦାତା ଡ଼. ହାଡ଼ିବନ୍ଧୁ ପଟ୍ଟନାୟକ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ରତିକାନ୍ତଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇବା ପରେ ଘରଲୋକେ ଭୁବନେଶ୍ୱର ଯାଇଛନ୍ତି।

# ଅବାଧରେ ଚାଲିଛି ଗୁଟ୍‌ଖା ବେପାର

ଚମ୍ପୁଆ,୧୨।୮(ଡି.ଏନ.ଏ.)

ଚମ୍ପୁଆ ସଦର ମହକୁମାରେ ଅବାଧ ଗୁଟ୍‌ଖା କାରବାର ଚାଲିଥିବା ବେଳେ ପ୍ରଶାସନର ଅଙ୍କୁଶ ନ ଥିବା ଦେଖିବାକୁ ମିଳିଛି। ଏହି ଗୁଟ୍‌ଖା ଯୁବପିଢି ଉପରେ ପ୍ରଭାବ ବିସ୍ତାର କରିଥିବା ବେଳେ ଛାତ୍ରଙ୍କ ଉପରେ ମଧ ପ୍ରଭାବ ପକାଉଛି। ଏହାକୁ ନେଇ ଅଭିଭାବକ ମହଲ ଚିନ୍ତାବ୍ୟକ୍ତ କରିଥିଲେ ମଧ ସହଜ ଓ ସରଳ ଉପାୟରେ ଏହା ଉପଲବ୍ଧ ହେଉଥିବାରୁ ଏହାର ବ୍ୟବହାର ବଢିବାରେ ଲାଗିଛି। ଯୁବପିଢିଙ୍କୁ କବଳିତ କରିସାରିଥିବା ଏହି ଗୁଟଖା ପାନ ବ୍ୟବସାୟକୁ ନିମ୍ନ କରିବାରେ ଲାଗିଛି। ଗାଁ ଗହଳିଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରାୟ ୮୦ ଭାଗ ଦୋକାନରେ ଏହା ଉପଲବ୍ଧ। ଖବର ଅନୁସାରେ ଚମ୍ପୁଆ ସଦର ମହକୁମାରେ କିଛି ବର୍ଷ ହେବ ଗୁଟଖା ବେପାର ବହୁ ମାତ୍ରାରେ ବୃଦ୍ଧି ପାଇଛି। ସରକାରୀ ଅଙ୍କୁଶ ରହିଥିଲେ ମଧ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ଏହି ଗୁଟ୍‌ଖା ଆସି ଦୋକାନୀଙ୍କ ପାଖରେ ପହଞ୍ଚି ଯାଉଛି। ଫଳରେ ପାନ ଦୋକାନଠାରୁ ଆରମ୍ଭ କରିକି ସଉଦା ଦୋକାନ ପର୍ଯ୍ୟନ୍ତ ସବୁଠାରେ ଖୋଲାଖୋଲି ଭାବେ ଏହା ବିକ୍ରି ହେଉଛି। ପୋଲିସଠାରୁ ଆରମ୍ଭକରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ପଡୁଥିଲେ ମଧ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରି ସହରରେ ବନ୍ଦ କରିବାକୁ ଦାବି ହୋଇଛି।

## କବିତାରେ ପ୍ରବୀନ, ଗଳ୍ପରେ ତ୍ରିଲୋଚନ ପୁରସ୍କୃତ


ଅତିଥିଙ୍କ ଦ୍ୱାରା ପ୍ରବୀନ ପୁରସ୍କୃତ।

ଆନନ୍ଦପୁର, ୧୨।୮(ସ୍ୱ.ପ୍ର.)

ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନ ପରିସରରେ ଅନୁଷ୍ଠିତ ହୋଇଥିବା ୟୁଥ ଉତ୍କଳ ସାହିତ୍ୟ ମହୋତ୍ସବରେ ୩୦ ବର୍ଷରୁ କମ୍ ୧୦ ଜଣ ଗାଳ୍ପିକ ଏବଂ ୨୦ ଜଣ ଯୁବ କବିଙ୍କୁ ବଛାଯାଇ ପୁରସ୍କୃତ କରାଯାଇଥିଲା। ଏହି କ୍ରମରେ ଆନନ୍ଦପୁରରୁ ଗଳ୍ପରେ ଫକୀରପୁର ଗ୍ରାମର ତ୍ରିଲୋଚନ ସାହୁ, କବିତାରେ ଘସିପୁରା ବ୍ଲକ ସାଇଁକୁଳ ପତିତ ପାବନ ମହାବିଦ୍ୟାଳୟର ଅଧାପକ ପ୍ରବୀନ କୁମାର କବି ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ସମସ୍ତ ଯୁବ କବିଙ୍କ ଉଦ୍ଦେଶ୍ୟରେ ‘‘ଯୌବନ’’ ନାମକ ପୁସ୍ତକ ଲୋକାର୍ପିତ ହୋଇଥିଲା। ମହୋତ୍ସବର ସଭାପତି ମନୋରଞ୍ଜନ ପାତ୍ର, ମୁଖ୍ୟଅତିଥି ହରପ୍ରସାଦ ଦାସ, ମୁଖ୍ୟବକ୍ତା ଫନୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶରତ ଦାଶ, ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରି ପୁରସ୍କୃତ କରିଥିଲେ। ଆନନ୍ଦପୁର ଦୁଇ ଯୁବ ପ୍ରତିଭା ତ୍ରିଲୋଚନ ଏବଂ ପ୍ରବୀନଙ୍କୁ ସବୁ ମହଲରେ ଶୁଭେଚ୍ଛା ଜଣାଯାଇଛି।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା

ହାଟଡିହୀ, ୧୨।୮(ଡି.ଏନ୍.ଏ.)

**ତଦନ୍ତ ଦାବି କଲେ ଗ୍ରାମବାସୀ**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଖଣି ପ୍ରଭାବିତ ସଢା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ) ସମେତ ବିଭିନ୍ନ ଉନ୍ନୟନ କାମରେ ଅନିୟମିତତା ଓ ସରକାରୀ ଅନୁଦାନ ହେରଫେର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଜୁନ ୩ତାରିଖରୁ ଜୁଲାଇ ୨୫ ତାରିଖ ମଧ୍ୟରେ ୧୧ଟି ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପଡିଆ ଜମି ଉନ୍ନତୀକରଣ ସମେତ ବିଭିନ୍ନ ରାସ୍ତା ଓ ନାଳ ନିର୍ମାଣ କାମ ନିମ୍ନମାନର କରାଯାଇ ଟଙ୍କା ଉଠାଯାଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏସବୁ କାମ ସକାଶେ ୫୩ ଦିନରେ ଜବ୍‌କାର୍ଡ ଧାରୀ ଶ୍ରମିକଙ୍କ ପାଉଣା ବାବଦରେ ପ୍ରାୟ ୯ ଲକ୍ଷ ଏବଂ ନିର୍ମାଣ ସାମଗ୍ରୀ କିଣା ବାବଦରେ ୫ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି। ହାଟଡିହୀ ବ୍ଲକ ଅଧୀନ ୩୧ଟି ପଞ୍ଚାୟତ ମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ କେବଳ ଗୋଟିଏ ପଞ୍ଚାୟତରେ କିଭଳି ଏତେ ସଂଖ୍ୟକ ପ୍ରକଳ୍ପ କାର୍ଯ୍ୟକାରୀ ହେଲା, ସେ ନେଇ ଅନ୍ୟ ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଟିଏଫସି ଓ ଏସଏଫସି ଅନୁଦାନ କିଭଳି ଖର୍ଚ୍ଚ ହୋଇଛି ତାହାର ଠିକ୍ ହିସାବ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ବ୍ଲକ କାର୍ଯ୍ୟାଳୟକୁ କୌଣସି ତଥ୍ୟ ଦିଆଯାଇ ନ ଥିବା ଜିପିଓ ନବୀନ ଚନ୍ଦ୍ର ନାୟକ କହିଛନ୍ତି। ସେହିପରି ବିଜୁ ପକ୍କାଗୃହ ଯୋଜନାରେ ଏହି ପଞ୍ଚାୟତକୁ ୧୪୩ଟି ବିଜୁ ପକ୍କାଗୃହ ମିଳିଥିଲା। ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ହିତାଧିକାରୀ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ବିଲ୍ ଉଠାଇଥିବା ଏବଂ କେତେକ ହିତାଧିକାରୀଙ୍କ ଘରେ ନାମ ଫଳକ ଲଗାଇବା ବାବଦରେ ଦିଆଯାଉଥିବା ୪୫୦ ଟଙ୍କା ଖର୍ଚ୍ଚରେ ହେରଫେର କରାଯାଇଥିବା ଅଭିଯୋଗ ହୋଇଛି। ଏସବୁ ଅନିୟମିତତାର ତଦନ୍ତ ହେଲେ ଗୁମର ଫିଟିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ସୁଶୀଲ ସେଠ୍‌ଙ୍କୁ ପଚାରିବାରୁ ସେ ଘଟଣା ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ପଞ୍ଚାୟତ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି, ସରକାରୀ ଅନୁଦାନ ହେରଫେର ହୋଇନାହିଁ। ତେବେ ସେ ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

# ଇଦ୍-ଉଲ୍-ଜୁହା ଶାନ୍ତିଶୃଙ୍ଖଳାର ସହ ପାଳିତ


ସମୂହ ନମାଜ ପାଠ କରାଯାଉଛି।

କେନ୍ଦୁଝର/ ଢେଙ୍କିକୋଟ/ ଚମ୍ପୁଆ, ୧୨।୮ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରରେ ମୁସଲମାନ ଭାଇ ମାନଙ୍କ ଇଦ୍-ଉଲ-ଜୁହା ପର୍ବ ଧୁମଧାମରେ ପାଳିତ ହୋଇଯାଇଛି । କୁର୍ବାନି ଏକ ପରମ୍ପରା । ଏହି ଦିନ ସକାଳୁ ମୁସଲମାନ ଭାଇ ମାନେ ମସଜିଦ ଯାଇ ନମାଜ ପାଠ କରିବା ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଛନ୍ତି। ମାଗୁର ଗାଡିଆ ସ୍ଥିତ ମସଜିଦ ତଥା ଅନ୍ୟ ମସଜିଦରେ ଏହି ଦିବସକୁ ପାଳନ ହୋଇଛି । ଏହା ପରେ ମୁସଲମାନ ଭାଇ ମାନେ ନିଜର ସାମର୍ଥ୍ୟ ମୁତାବକ ଖାସି କୁର୍ବାନୀ ଦେଇଥାନ୍ତି। ଏହି ଅବସରରେ ଅନ୍ୟ ସଂପ୍ରଦାୟର ଲୋକ ମାନେ ମଧ ଶୁଭେଚ୍ଛା ବାର୍ତ୍ତା ଦେଇ ଏକତା ଓ ଭାଇଚାରାର ବାର୍ତ୍ତା ଦେଇଛନ୍ତି।

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନ୍ତରାପୁର ମୁସ୍‌ଲିମ୍ ବସ୍ତି ଏବଂ ଢେଙ୍କିକୋଟ ମୁସ୍‌ଲିମ୍ ବସ୍ତିରେ ଏହି ପର୍ବକୁ ସମୂହ ଭାବେ ଧୁମ୍‌ଧାମରେ ପାଳନ କରିଛନ୍ତି। ସକାଳ ୭ଟା ୪୫ମିନିଟ୍‌ରେ ଦୁଇ ମସ୍‌ଜିଦ୍‌ରେ ବସ୍ତିର ସମସ୍ତ ଭାଇ ଭଉଣୀ ସମୂହ ନମାଜ ପାଠ କରିବା ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ଉଲ୍‌ଜୁହା ତଥା ବକ୍ରିଦ ପର୍ବର ମୁବାରକ ଜଣାଇଥିଲେ। ଇଦ୍‌ଉଲ୍ ଜୁହାକୁ ବକ୍ରିଦ ବୋଲି ମଧ କୁହାଯାଏ। କାରଣ ଆଜିର ଏହି ପର୍ବରେ ଘରେ ଘରେ ଛେଳିଖାସୀ ମାରିଥାନ୍ତି ଏବଂ ଏହି ଖାସି ମାଂସକୁ ୩ ଭାଗରେ ବିଭକ୍ତ କରି ଏକଭାଗ ନିଜ ପରିବାର ପାଇଁ ଏକ ଭାଗ ନିଜ ସମ୍ପର୍କୀୟ ଭଉଣୀଭାଇ ପାଇଁ ଓ ଅନ୍ୟ ଭାଗ ଗରିବ ଦୁଃଖି ରଙ୍କିଙ୍କ ମଧ୍ୟରେ ବାଣ୍ଟିଥାନ୍ତି। ତେବେ ଏହି ପରମ୍ପରାକୁ ବଜାୟ ରଖି ଆଜି ସାନ୍ତରାପୁର ମୁସଲିମ୍ ବସ୍ତିରେ ୪୦ରୁ ଉର୍ଦ୍ଧ୍ୱ ଖାସି ମରାଯାଇଥିବାବେଳେ ଢେଙ୍କିକୋଟରେ ୨୦ରୁ ଉର୍ଦ୍ଧ୍ୱ ଖାସି ମାରି ମାଂସ ଖାଇବା ସହ ଭାଗବାଣ୍ଟ କରିଥିବା ଦେଖିବାକୁ ମିଳିଛି। ଖାସି ମାରିସାରିବା ପରେ ପରମ୍ପରା ଅନୁଯାୟୀ ହଜଯାତ୍ରୀମାନେ ହଜରୁ ଫେରି ଲଣ୍ଡା ହୋଇ ଯେଉଁ ପୂଣ୍ୟ ଅର୍ଜନ କରିଥାନ୍ତି ବୋଲି ବହୁ ଯୁବକ ଲଣ୍ଡା ମଧ ହୋଇଥିବା ଦେଖିବାକୁ ମିଳିଛି। ନିଜ ନିଜ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ଗରିବ ଦୁଃଖୀଙ୍କୁ ଦାନ ଧର୍ମ ମଧ କରୁଥିବା ଦେଖିବାକୁ ମିଳିଛି।

ଚମ୍ପୁଆ ସଦର ମହକୁମାରେ ପବିତ୍ର ଉଦ-ଉଲ-ଜୁହା ପାଳିତ ହୋଇଯାଇଛି। ମୁସଲମାନ ସମ୍ପ୍ରଦାୟର ଭାଇଚାରାର ଏହି ପର୍ବରେ ଇଦଗା ପଡିଆରେ ସମୂହ ନମାଜ ପାଠ କରାଯିବା ପରେ ଏହିପର୍ବ ପାଳନ କରାଯାଇଥିଲା। ଚମ୍ପୁଆ ସ୍ଥିତ ଉସମାନ ଗନି ମସଜିଦ, ମୁସଲିମବସ୍ତି ଇଦଗା, ମୌଲାନାଗୋଡା, ଜାମୁଦଲକ, ମଦିନା ମସଜିଦ, ଜୟନ୍ତୀଗଡ ଇଦଗା ଆଦିରେ ଉଭୟ ପୁରୁଷ ଓ ମହିଳା ମାନେ ଇଦ ଉଲ ଜୁହା ନମାଜ ପାଠ କରିଥିଲେ। ପୂର୍ବଦିନ ସଂପ୍ରଦାୟର ଲୋକମାନେ ଉପବାସ ପାଳନ କରିବା ପରେ ପର୍ବଦିନ ନିର୍ଦ୍ଧାରିତ ସମୟରେ ଇଦଗାରେ ଏକତ୍ରିତ ହୋଇଥିଲେ। ସମୂହ ନମାଜ ପରେ ଧର୍ମଗୁରୁଙ୍କ ଦ୍ୱାରା ସଦଭାବନା ବଜାଇ ରଖିବା, ଭାଇଚାରା ସୃଷ୍ଟିକରିବା, ଦେଶ ଓ ଜାତିର ଉନ୍ନତି ପାଇଁ ପ୍ରାଥନା କରାଯାଇଥିଲା।

## ଆଟେଣ୍ଡାଣ୍ଟଙ୍କ ମାଡ଼ରେ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଆନନ୍ଦପୁର,୧୨।୮(ସ୍ୱ.ପ୍ର.)

ଆଟେଣ୍ଡାଣ୍ଟଙ୍କ ମାଡ଼ରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କର କଟକରେ ମୃତ୍ୟୁ ହୋଇଛି। ଆନନ୍ଦପୁର ପୌରପରିଷଦ ୭ ନଂ ଓ୍ୱାର୍ଡ଼ର ଗୌତମ ମୁଖୀ ବାତ ରୋଗରେ ପିଡିତ ହୋଇ ଶୁକ୍ରବାର ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରବିବାର ଅପରାହ୍ନରେ ଡାକ୍ତରଖାନାରୁ ଘରକୁ ଫେରିବାର ଥିଲା। ଗୌତମ ଡାକ୍ତରଖାନା ପାଚେରୀ ନିକଟରେ ପରିସ୍ରା ଯାଇଥିଲେ। ଗୌତମ ପାଚେରୀ କଡରେ କାହିଁକି ପରିସ୍ରା କରୁଛୁ କହି ଅନ୍ୟ ଜଣେ ରୋଗୀଙ୍କ ଆଟେଣ୍ଡାଣ୍ଟ ତାଙ୍କୁ ଚାପୁଡା ମାରିଥିଲେ। ଫଳରେ ରୋଗୀ ଜଣକ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାଯିବା ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ବଡ ଡାକ୍ତରଖାନାରେ ଗୌତମଙ୍କର ଚିକିତ୍ସା ଚାଲୁଥିବାବେଳେ ରାତି ପ୍ରାୟ ୧୧ଟା ସମୟରେ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଘସିପୁରା ପୋଲିସ ସେହି ଆଟେଣ୍ଡାଣ୍ଟଙ୍କୁ ରଖି ପଚରାଉଚରା କରୁଛି।

# ଭଡ଼ାରେ ଲାଗିଛି କୃଷକ ବଜାରରେ ଥିବା ଦୋକାନ


କୃଷକ ବଜାର ପରିସରର ଦୋକାନ ଘର।

ଝୁମ୍ପୁରା, ୧୨।୮ (ଡି.ଏନ.ଏ.)

ହାଟବାଟରେ ବସୁଥିବା କ୍ଷୁଦ୍ରଚାଷୀ ତଥା ବ୍ୟବସାୟୀଙ୍କୁ ଜୀବିକା ନିର୍ବାହ ଲାଗି କାର୍ଯ୍ୟକାରୀ ହେଉଥିବା କୃଷକ ବଜାର ନିର୍ମାଣ ଯୋଜନା ଦିଗହରା ହୋଇପଡିଛି। କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ନିର୍ମିତ ଦୋକାନ ଘରକୁ କେତେକେ ବ୍ୟବସାୟୀ ହାତେଇ ଭଡାରେ ଲଗାଇଥିବା ଅଭିଯୋଗ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଥଚ ଝୁମ୍ପୁରା ଡେଲି ମାର୍କେଟ ଏବଂ ସାପ୍ତାହିକ ହାଟକୁ କୃଷିଜାତ ଦ୍ରବ୍ୟ ଓ ପନିପରିବା ବିକିବାକୁ ଆସୁଥିବା ଚାଷୀଙ୍କଠାରୁ ନିୟନ୍ତ୍ରିତ ବଜାର ପରିଷଦ (ଆରଏମସି) ମାହାସୁଲ ଆଦାୟ କରୁଥିଲେ ବି ସେମାନଙ୍କୁ ଏଯାଏ ଦୋକାନ ଘର ଯୋଗାଇ ପାରୁ ନାହିଁ।

କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ସ୍ଥାନୀୟ ଆରଏମସି ଏବଂ ଝୁମ୍ପୁରା ପଞ୍ଚାୟତ ଅଧୀନରେ ବଜାର ଅଞ୍ଚଳରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଦୋକାନ ଗୃହ ନିର୍ମାଣ କରାଯାଇଛି। ଏସବୁ ଦୋକାନ ଗୃହ ଆବଣ୍ଟନ ବେଳେ ଅନିୟମିତତା ହୋଇଥିବା ନେଇ କେତେକ କ୍ଷୁଦ୍ର ବ୍ୟବସାୟୀ ଚମ୍ପୁଆସ୍ଥିତ ଆରଏମସି କାର୍ଯ୍ୟାଳୟର ଅଭିଯୋଗକରିବା ସହ କୃଷକ ବଜାରର ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଗୋଟିଏ ଗୋଟିଏ ପରିବାର ୪ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ଦୋକାନ ଘର ଦିଆଯାଇଥିବାରୁ ସେମାନେ ନିଜେ ବ୍ୟବସାୟ ନ କରି ଭଡା ଲଗାଇ ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ସେହିପରି କେତେକ ବ୍ୟବସାୟୀ ପାଇଥିବା ନିଜ ପ୍ଲଟର ସମ୍ମୁଖ ପାର୍ଶ୍ୱ ରାସ୍ତାକୁ ଜବରଦଖଲ କରି ବେନିୟମ ଭାବେ ନିର୍ମାଣ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି। ଏସବୁର ଉଚ୍ଚସ୍ତରୀୟ ତଦନ୍ତ ହେଲେ ପ୍ରକୃତ କଥା ପଦାକୁ ଆସନ୍ତା ବୋଲି କ୍ଷୁଦ୍ର ବ୍ୟବସାୟୀମାନେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ସ୍ଥାନୀୟ ବ୍ଲକ ରୋଡରେ ଥିବା ଝୁମ୍ପୁରା କୃଷକ ବଜାର ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ଦୋକାନ ଘର ଭଡାରେ ଲଗାଯିବା ସମ୍ପର୍କରେ ଚମ୍ପୁଆସ୍ଥିତ ଆରଏମସିର ସମ୍ପାଦକ ତଥା ସରକାରଙ୍କ ବରିଷ୍ଠ ଅଧିକାରୀ ସପନ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ମିଳିଛି। ଏହାର ତଦନ୍ତ କରାଯିବ। କେହି ଦୋକାନ ଘର ନେଇ ଭଡାରେ ଲଗାଇଥିବା ଜଣାପଡିଲେ, ସମ୍ପୃକ୍ତ ହିତାଧିକାରୀଙ୍କ ଚୁକ୍ତିନାମା ପ୍ରତ୍ୟାହାର କରାଯିବ।

# ବିଧାୟିକାଙ୍କ ଗସ୍ତ ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା

ଯୋଡ଼ା, ୧୨।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ଗସ୍ତ ବେଳେ ତାଲା ପଡିଥିବା ଦେଖି ସେ ବିରକ୍ତି ପ୍ରକାଶ କରିଥିଲେ। ରବିବାର ଅପରାହ୍ନ ପ୍ରାୟ ୩ଟାରେ ସେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ପରିଦର୍ଶନ କରିଥିଲେ। ସେଠାରେ ପହଞ୍ଚିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମୁଖରେ ଏବଂ ପଛପଟେ ତାଲା ପକାଇ ବନ୍ଦ କରାଯାଇଥିବା ଦେଖି ବିରକ୍ତ ହୋଇଥିଲେ। ଏହା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପାନୀୟ ଜଳ ପ୍ରକଳ୍ପଟି ମଧ ତାଲା ପଡ଼ିଥିଲା। ରୋଗୀମାନେ ପାନୀୟ ଜଳ ପାଇଁ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିମ୍ବା କୌଣସି କର୍ମଚାରୀ ଅନୁପସ୍ଥିତ ଥିବା ଦେଖି ବିଧାୟିକା କ୍ଷୁବ୍ଧ ହୋଇଥିଲେ । ପରେ ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ନେଇ ରୋଗୀମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । ରୋଗୀମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳୁ ନ ଥିବା ଅଭିଯୋଗ କରିଥିଲେ । ବିଧାୟିକାଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ଖବର ପାଇବା ପରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ପହଞ୍ଚିଥିଲେ। ଅଳିଆ, ଆବର୍ଜନା ଏଣେ ତେଣେ ପଡିଥିବା ଦେଖିବାକୁ ପାଇ ବିଧାୟିକା କ୍ଷୋଭ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ସଫା ସୁତୁରା ରଖିବା ସହ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

# ଯୁକ୍ତ ୩ ନାମଲେଖାରୁ ବଞ୍ଚିତ ମେଧାବୀ ଛାତ୍ର

କେନ୍ଦୁଝର,୧୨।୮(ସ୍ୱ.ପ୍ର.)

**ଚିନ୍ତାରେ ପରିବାର ଲୋକେ**

ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଜଣେ ମେଧାବୀ ଛାତ୍ର ନାମଲେଖାରୁ ବଞ୍ଚିତ ରହିବା ଆଶଙ୍କା ଦେଖାଦେଇଛି। ଯୁକ୍ତ ୩ ବିଜ୍ଞାନରେ ନାମ ଲେଖାଇବା ପାଇଁ ଦୁଇଥର ଇଣ୍ଟିମେଶନ ପାଇଥିଲେ ହେଁ ନାମ ଲେଖାଇବାରେ ବଞ୍ଚିତ ହୋଇଛନ୍ତି। ତାଙ୍କ ନାମ କଳିଙ୍ଗ କେଶରୀ ନାୟକ। ସେ ଯୁକ୍ତ ୨ ସିବିଏସ୍‌ଇ ପରୀକ୍ଷାରେ ୭୪.୪ ପ୍ରତିଶତ ମାର୍କ ରଖିଛନ୍ତି। ତେବେ ଯୁକ୍ତ ୩ ବିଜ୍ଞାନରେ ପଢିବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଚଏସ୍ ପକାଇ ଆବେଦନ କରିଥିଲେ । ଏନେଇ ସେ ପ୍ରଥମ ଚୟସ୍‌ରେ ଯୁକ୍ତ ୩ ବିଜ୍ଞାନ (ଗଣିତ ଅନର୍ସ)ରେ ନାମ ଲେଖାଇବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗରୁ ଇଣ୍ଟିମେଶନ ପାଇଥିଲେ । ଏଥିପାଇଁ ଜୁଲାଇ ୨୨ତାରିଖରେ ନାମ ଲେଖାଇବାକୁ ନିର୍ଦ୍ଧାରିତ ଫି’ ଦାଖଲ କରିବାକୁ ମୋବାଇଲ ଫୋନରେ ମେସେଜ ପାଇଥିଲେ। ତେବେ ଏ ନେଇ ଜୁଲାଇ ୨୦ତାରିଖରେ ନିର୍ଦ୍ଧାରିତ ୧୪୪୬ ଟଙ୍କା ଅନଲାଇନ୍‌ରେ ଫି’ ଦାଖଲ ପରେ ଇଣ୍ଟିମେଶନ ଇଣ୍ଟରନେଟ୍‌ରୁ ଡାଉନଲୋଡ କରିଥିଲେ । ନାମ ଲେଖାଇବା ପାଇଁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆବଶ୍ୟକ ପ୍ରମାଣପତ୍ର ଓ ଇଣ୍ଟିମେଶନ ଚିଠି ଧରି ୨୨ ତାରିଖରେ ଯାଇଥିଲେ। କିନ୍ତୁ ଇଣ୍ଟିମେଶନକୁ ନାମଲେଖା ଦାୟିତ୍ୱରେ ଥିବା ଅଧ୍ୟାପକ ଗ୍ରହଣ କରି ନ ଥିଲେ ଏବଂ ଫେରାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ତେବେ ଭୁଲ ଭାବେ ମାର୍କ ହିସାବ କରାଯାଇଥିବା ଆଳ ଦେଖାଇ ନାମ ନ ଲେଖାଇ ଫେରାଇ ଦେଇଥିଲେ । ଏ ନେଇ ଉଚ୍ଚ ଶିକ୍ଷା ବିଭାଗକୁ ଜଣାଯାଇଛି । ସେଠାରୁ ଉତ୍ତର ଆସିବା ପରେ ନିଷ୍ପତ୍ତି ନେଇ ନାମ ଲେଖାଯିବ ବୋଲି କହି ଫେରାଇଦେଇଥିବା ଅଭିଯୋଗ ହୋଇଛି । ଯେହେତୁ ଗୋଟିଏ ମହାବିଦ୍ୟାଳୟରୁ ଇଣ୍ଟିମେଶନ ଆସିଛି ଏଣୁ ଅନ୍ୟ ମହାବିଦ୍ୟାଳୟରୁ ଆଉ ଇଣ୍ଟିମେଶନ ଆସିବ ନାହିଁ। ଏହି ଚିନ୍ତାରେ ଆବେଦନକାରୀ ଛାତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଲିଖିତ ଜଣାଇଥିଲେ ହେଁ ଲିଖିତ ଅଭିଯୋଗ ପତ୍ର ଗ୍ରହଣ ନ କରି ମୌଖିକ ଭାବରେ ଉଚ୍ଚ ମାଧ୍ୟମିକ ପରିଷଦରୁ ଉତ୍ତର ମିଳିବା ପରେ ନାମ ଲେଖାଯିବ ଏବଂ ବ୍ୟସ୍ତ ନ ହେବାକୁ କହିଥିଲେ ବୋଲି ଆବେଦକଙ୍କ ଅଭିଭାବକ କହିଛନ୍ତି।

ଅନ୍ୟପକ୍ଷେ ପ୍ରଥମ ଚୟସ୍‌ରେ ନାମଲେଖା ନ ହେବାରୁ ଦ୍ୱିତୀୟ ଚୟସରେ ସେ ଯୁକ୍ତ ୩ ବିଜ୍ଞାନ (ରସାୟନ ବିଜ୍ଞାନ ଅନର୍ସ)ରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମଲେଖାଇବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ଇଣ୍ଟିମେଶନ ପଠାଇଥିଲେ । ଅଗଷ୍ଟ ୮ରେ ନାମ ଲେଖାଇବାକୁ କୁହାଯାଇଥିଲା। ତେବେ ଆବେଦନକାରୀ ଛାତ୍ର ପୁନର୍ବାର ଉକ୍ତ ଦିନ ମହାବିଦ୍ୟାଳକୁ ଯାଇଥିଲେ ହେଁ କଲେଜ କର୍ତ୍ତୃପକ୍ଷ ସମାନ ଉତ୍ତର ଦେଇ ଫେରାଇଦେଇଥିବା ଅଭିଯୋଗ ହୋଇଛି । ଫଳରେ ଏହାକୁ ନେଇ ଛାତ୍ର ଓ ତାଙ୍କ ପରିବାର ଚିନ୍ତାରେ ପଡିଯାଇଛନ୍ତି। ଦୁଇ ଦୁଇ ଥର ଇଣ୍ଟିମେଶନ ମିଳିବା ପରେ କଲେଜ କର୍ତ୍ତୃପକ୍ଷ ନାମ ଲେଖାଇବାକୁ ମନା କରୁଥିବାରୁ ଛାତ୍ରଙ୍କ ଭବିଷ୍ୟତକୁ ନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ନରେନ୍ଦ୍ର ସାହୁ କଲେଜ ପକ୍ଷରୁ ହୋଇଥିବା ତ୍ରୁଟିକୁ ସ୍ୱୀକାର କରି କହିଥିଲେ ଯେ, ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଉତ୍ତର ଆସିବା ପରେ ନିଶ୍ଚିତ ଭାବେ ନାମ ଲେଖାଯିବ । ମାର୍କ ପର୍ସେଣ୍ଟେଜ ବାହାର କରିବା ସମୟରେ ତ୍ରୁଟି ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି। ତେବେ କଲେଜର ତ୍ରୁଟି ପାଇଁ ଜଣେ ସାଧାରଣ ତଥା ମେଧାବୀ ଛାତ୍ର ନାମଲେଖାରୁ ବଞ୍ଚିତ ହେବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗକୁ ସ୍ପଟ୍ ନାମଲେଖା ଥିବାରୁ ଛାତ୍ରଙ୍କ ପରିବାର ଲୋକ ଏବେ ମଧ ଅଧ୍ୟକ୍ଷଙ୍କ ଉପରେ ଆଶା ରଖି ଅପେକ୍ଷା କରିଛନ୍ତି ବୋଲି ତାଙ୍କ ବାପା ଖଗେଶ୍ୱର ନାୟକ କହିଛନ୍ତି।